ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୧୬ ସଂସ୍କରଣ

୫

ପ୍ରିୟା - ୨

ଅବଶୋଷ

ପଦିଏ କଥା

ଆଧୁନିକ ପୀରତି

ଆସ ଦେଖିଯିବା ସ୍ନାନପୂର୍ଣ୍ଣିମା

ବୋଉର ମାଣବସା ଗୁରୁବାର

ସ୍ୱାର୍ଥପର ଏ କଳିଯୁଗର ମଣିଷ

ପୁସ୍ତକ ସମୀକ୍ଷା -

ମାସିକ ଋତୁସ୍ରାବ

ମୋତେ ମରିବାକୁ ଦିଅ

ନମସ୍କାର କାହିଁକି କରିବା ?

ଯୁଗଜନ୍ମା

ଅବିଶ୍ୱସନୀୟ ଓଡ଼ିଶା

ଫକୀରମୋହନ

ମିଡ୍‌ବ୍ରେନ ଏକ୍ଟିଭେସନ - ଏକ ଗୋରଖଧନ୍ଦା

ଏକାଦଶ ବର୍ଷ, ପ୍ରଥମ ସଂଖ୍ୟା
ଜାନୁଆରୀ, ୨୦୧୬

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

www.aahwaan.com

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

www.aahwaan.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଗ୍ଭହିଁଲେ ନିଜ ଲେଖାର ପ୍ରଗ୍ଭର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା
www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ




# ସମ୍ପାଦକୀୟ

ସୁଖଦୁଃଖ, ରାଗରୋଷ, ମାନ ଅଭିମାନର ବର୍ଷଟିଏ ବିତିଗଲା । ଘଟଣା ଦୁର୍ଘଟଣାରେ ବର୍ଷଟି ନିଜର ଅସ୍ତିତ୍ୱକୁ ଜାହିର କରିବାକୁ ଯଥେଷ୍ଟ ସୁଯୋଗ ଦେଲା । ଅନେକ ଭଲ ଜିନିଷ ହେଲା, ଅନେକ ଭୁଲଭଟକା ବି ହେଲା । କିଛି ପାଦ ଭଲ ପାଇଁ ଆଗେଇଲେ ଆଉ କିଛି ପାଦ ମାନବତାକୁ କାଳରେ ପଛକୁ ଟାଣି ନେବାପାଇଁ ତତ୍ପର ବି ହେଲେ । ସର୍ବୋପରି ପୁଣି ଏକ ବର୍ଷ ଧରାବକ୍ଷରୁ ବିଦାୟ ନେଲା । ନୂଆ ଏକ ବର୍ଷପାଇଁ ରାସ୍ତା ନିର୍ମଳ କରିଦେଲା । ନୂତନ ଆଶା, ନୁଆ ଆକାଂକ୍ଷା, ନୁଆ ଉନ୍ମାଦନାକୁ ମନରେ ଧରି ଆଗକୁ ବଢ଼ିବାକୁ ପୁଣିଥରେ ଜାଗ୍ରତ ହେଲା । ମାନବତା କେବେ ଥମିଯାଇନାହିଁ, ଭୁଲରୁ ଶିଖିଛି, ଭଲରେ ହସିଛି, କିନ୍ତୁ ଅଟକି ଯାଇନାହିଁ, କେହି ଅଟକାଇ ପାରିବେ ନାହିଁ । ବର୍ଷ ୨୦୧୫ରେ ଅନେକ ଘଟଣା ଆମକୁ ଆମୋଦିତ କରିଛି, ଅନେକ ଘଟଣା ଆଉ ଦୁର୍ଘଟଣା ମନକୁ ବ୍ୟଥିତ ବି କରିଛି, ଭଲ ଯାହା ସବୁ ହୋଇଛି ତାହାର ପୁନରାବୃତ୍ତି ହେଉ ଆଉ ଭୁଲ ସବୁ

କାଳର କଳାପଟାରୁ ଲିଭିଯାଉ ବୋଲି ପ୍ରାର୍ଥନା କରି ଆହ୍ୱାନର ଚଳିତ ବର୍ଷର ପ୍ରଥମ ସଂସ୍କରଣ ଉପସ୍ଥାପନ କରୁଛି । ଆଶା କରୁଛି ଆପଣ ମାନେ ଏହାକୁ ନିଶ୍ଚୟ ଭବରେ ପଢ଼ି ଆମୋଦିତ ହେବେ ।

ବିଗତ ବର୍ଷର ଶେଷାର୍ଦ୍ଧ ବେଳକୁ ଭାରତ ପାକିସ୍ତାନର ସମ୍ବନ୍ଧରେ ଅନେକ ସକାରତ୍ମକ ପଦକ୍ଷେପ ଦେଖିବାକୁ ମିଳିଥିଲା । ଭାରତର ପ୍ରଧାନମନ୍ତ୍ରୀ ନିଜର ସରକାରୀ ପ୍ରୋଟୋକଲ (ନୀତିନିୟମ) କୁ ଭ୍ରୂକ୍ଷେପ ନ କରି ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଅଗ୍ରିମ ଯାଇ ପହଞ୍ଚି ଯାଇଥିଲେ ଲାହୋର । ଏହା ଅଣଆମନ୍ତ୍ରିତ ବିପଦ ବୋଲି ଅନେକ ରାଜନୈତିକ ଦଳମାନେ ଦାବୀ କରୁଥିଲେ ସୁଦ୍ଧା ଦୁଇ ପାରମ୍ପରିକ ପଡ଼ୋଶୀଙ୍କ ଶତ୍ରୁତାକୁ ଗୃପିଦେବାପାଇଁ ଏହି ପଦକ୍ଷେପ ଏକ ଦୃଷ୍ଟାନ୍ତ ହେବ ବୋଲି ଅନେକ ବୁଦ୍ଧିଜୀବି ମତ ଦେଇଥିଲେ, ହେଲେ ଅତୀତର ସ୍ମୃତିକୁ କେହି ମନରୁ ଲିଭେଇ ପାରିନଥିଲେ । ଅତୀତରେ ଭାରତ ତରଫରୁ ଯେତେଥର ବନ୍ଧୁତ୍ୱର ପଦକ୍ଷେପ ନିଆଯାଇଥିଲା ସେତେଥର ପାକିସ୍ତାନ ଭାରତର ପିଠିରେ ଛୁରୀକାଘାତ କରିବାକୁ ପଛାଇନଥିଲା । ହୁଏତ ଏଥିରେ ସରକାରଙ୍କ ହାତ ଥାଇପାରେ କିମ୍ବା ନ ଥାଇପାରେ, ଆତଙ୍କବାଦର ଗଡ଼ରେ ଅନେକ ଶତ୍ରୁ । କେହି ନା କେହି ତ ଭାରତ ଓ ପାକିସ୍ତାନର ବନ୍ଧୁତ୍ୱକୁ ଆଡ଼ ଆଖିରେ ଦେଖୁଥିବ ନିଶ୍ଚୟ । ସେହିପରି କିଛି ବ୍ୟକ୍ତିଙ୍କ ଷଡ଼ଯନ୍ତ୍ର ପୁଣି ଦେଖାଦେଲା ବର୍ଷର ପ୍ରଥମ ସପ୍ତାହରେ ପାକିସ୍ତାନ ସୀମା ସଂଲଗ୍ନ ପଞ୍ଜାବ ପ୍ରଦେଶର ଭାରତୀୟ ବାୟୁସେନା ଘାଟି ପଠାନକୋଟ ଠାରେ ଆତଙ୍କବାଦୀ ଆକ୍ରମଣ ମାଧ୍ୟମରେ ପୁଣିଥରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରିଗଲା । ବର୍ଷ ପ୍ରାରମ୍ଭରେ ହିଁ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ଭାରତ ପାକିସ୍ତାନ ମଧ୍ୟରେ ସୁଧୁର ଆସୁଥିବା ସମୀକରଣକୁ ଆମ୍ବିଳା କରିଦେଲା । ଭାରତୀୟ ପ୍ରତିରକ୍ଷାବାହିନୀଙ୍କ ତଡ଼ିତ ପ୍ରତିକ୍ରିୟା ଦ୍ୱାରା ଏକ ସମ୍ଭାବ୍ୟ ବୃହତ ଅଘଟଣକୁ ଏଡ଼ାଇ ଦିଆଯାଇ ପାରିଲା । କିନ୍ତୁ ଏହି କାର୍ଯ୍ୟ ଫଳରେ ଭାରତ ନିଜର ସାତଜଣ ବୀର ଦେଶଭକ୍ତଙ୍କୁ ହରାଇଲା । ଏହି କ୍ଷତି ଅପୂରଣୀୟ । ପ୍ରକାରନ୍ତେ ଭାରତ ତରଫରୁ କୌଣସି ତ୍ୱରିତ ପ୍ରତିରକ୍ଷା ପଦକ୍ଷେପ

ଦିଆଯାଇନାହିଁ, ବରଂ ଏହି କାଣ୍ଡରେ ପାକିସ୍ତାନୀ ସଂଗଠନର ସମ୍ପୃକ୍ତିକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ସହିତ ପାକିସ୍ତାନକୁ ସେହି ସବୁ ଆତଙ୍କବାଦୀ ସଂଗଠନଙ୍କ ଉପରେ କଡ଼ା ପଦକ୍ଷେପ ନେବାପାଇଁ ବାଧ କରିଛି । ଆଶା କରାଯାଉଛି, ସେଠାକାର ସରକାର ଭାରତ ଦେଇଥିବା ସାକ୍ଷପ୍ରମାଣ ଆଧାରରେ କୌଣସି ଦୃଢ଼ ପଦକ୍ଷେପ ଅବଶ୍ୟ ନେବେ ।

ବର୍ଷ ଆରମ୍ଭରୁ ଆଉ ଏକ ଖରାପ ଖବର ମନକୁ ପୁଣି ଖରାପ କରିଦେଇଗଲା । ବିଶ୍ୱର ଏକ ଅନନ୍ୟ ଦେଶ ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିଙ୍ଗ୍ ଜନ୍ ଇୟୁଙ୍କ ନିର୍ଦ୍ଦେଶରେ ପ୍ରଥମଥର ପାଇଁ ଏକ ହାଇଡ୍ରୋଜେନ୍ ବୋମାର ପରୀକ୍ଷଣ କରାଯାଇଥିଲା । ବିଶ୍ୱର ଯଦିଓ ଏହା ପ୍ରଥମ ପରୀକ୍ଷଣ ନୁହେଁ, କିନ୍ତୁ ଏହାକୁ ବିଶ୍ୱକୁ ଜଣାଇ ଦେବା ଉଦ୍ଦେଶ୍ୟରେ କରାଯାଇଥିଲା ଏବଂ ଏହାର ପ୍ରଭାବ ଏତେ ଥିଲା ଯେ ଉତ୍ତର କୋରିଆ ସମେତ ବିଶ୍ୱର ଅନେକ ଦେଶ ଯଥା ଜାପାନ, ଦକ୍ଷିଣ କୋରିଆ, ଚୀନ ଆଦି ସ୍ଥାନରେ ଭୂମିକମ୍ପ ଦେଖା ଦେଇଥିଲା । ଯେତେବେଳେ ଉତ୍ତରକୋରିଆ ଗଣମାଧ୍ୟମରେ ପ୍ରଚାର କରି ଜଣାଇ ଦିଆଯାଇଥିଲା ଯେ ଏହି ଭୂମିକମ୍ପର କାରଣ ସେମାନେ କରିଥିବା ହାଇଡ୍ରୋଜେନ୍ ବୋମାର ପରୀକ୍ଷଣ, ସେତେବେଳେ ସମୁଦାୟ ବିଶ୍ୱ ସ୍ତବ୍ଧ ହୋଇ ରହିଯାଇଥିଲା ।

ଆମେ କେବଳ ଶାନ୍ତି, ପ୍ରୀତି, ମୈତ୍ରୀର ବାର୍ତ୍ତା ଦେଇ ଦେଇ ଥକି ଯାଉଛୁ ସିନା ମାନବତା ଭିତରେ ଲୁଚି ରହିଥିବା ସୈତାନୀ ଓ ପୈଶାଚିକ ପ୍ରବୃତ୍ତିକୁ କେହି ବନ୍ଦ କରିବାକୁ କେବେ ସମର୍ଥ ହୋଇଛି ? ମଧ୍ୟ ପ୍ରାଚ୍ୟରେ ଆଇଏସ୍ଆଇଏସ୍‌ର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ଦେଖି ଅଣଦେଖା କରିବାଭଳି ସାମର୍ଥ୍ୟ କାହାର ବି ନାହିଁ । ମନୁଷ୍ୟ ରୂପରେ ସୈତାନମାନେ ସତେ ଯେମିତି ଏକତ୍ରିତ ହୋଇଛନ୍ତି ବିଶ୍ୱକୁ ଅଶାନ୍ତି ଆଡ଼କୁ ଟାଣି ନେବାପାଇଁ । ଧର୍ମର ଦ୍ୱାହି ଦେଇ ବିଶ୍ୱକୁ ଅସ୍ଥିର କରିବାକୁ ସେମାନେ ଯେମିତି ପ୍ରତିଶୃତିବଦ୍ଧ । ଲୋମହର୍ଷକ ହତ୍ୟାକାଣ୍ଡ ଓ ଅପରାଧ ଦ୍ୱାରା ସମୁଦାୟ ବିଶ୍ୱ ପରିବାରକୁ ଭୟର ବାତାବରଣରେ ବଞ୍ଚିବାପାଇଁ ଏକ ରକମ ବାଧ କରିଦେଉଛନ୍ତି ଏହି ନରପିଶାଚମାନେ । ବିଗତ ଦିନରେ ଏମାନଙ୍କ ଭୟାବହତାର ପରିଣାମ ଅନେକ ଦେଶର ନିରୀହ ଜନସାଧାରଣ ଭୋଗି

ସାରିଲେଣି । ବିଶ୍ୱରେ କେବଳ ଧର୍ମକୁ ଦ୍ୱାହୀ ଦେଇ ହେଉଥିବା ହତ୍ୟାକାଣ୍ଡରେ ଲକ୍ଷାଧିକ ଲୋକ ପ୍ରାଣ ହାରି ସାରିଲେଣି । ଏମାନଙ୍କ ଭିତରେ ରହିଛନ୍ତି ଆବାଳ ବୃଦ୍ଧ ବନିତା । କେହି ବି ଏମାନଙ୍କ ପଞ୍ଝାରୁ ନିସ୍ତାର ପାଇବା ଭଳି ଅବସ୍ଥାରେ ନାହାନ୍ତି । ଆଧୁନିକ ଗଣମାଧ୍ୟମକୁ ହତିଆର କରି ଏହିମାନେ ନିଜଦ୍ୱାରା ସଂଗଠିତ ହତ୍ୟାକାଣ୍ଡ ଏବଂ ଅନେକ ନାରକୀୟ ଘଟଣାକୁ ବିଶ୍ୱ ସମାଜ ସମ୍ମୁଖରେ ପହଞ୍ଚାଇ ଭୟ ସୃଷ୍ଟି କରୁଛନ୍ତି । ବିଶ୍ୱକୁ ଅନେକ ଦିଗରୁ ବିପଦ ମାଡ଼ି ଆସୁଛି । ଏହିପରି ସମୟରେ ଭାରତରେ ହିନ୍ଦୁ ମୁସଲମାନ ଓ ଅନ୍ୟ ସମସ୍ତ ଧର୍ମବିଶ୍ୱାସୀମାନେ ଏକତ୍ର ବସବାସ କରୁଥିବା ଏବଂ ଶାନ୍ତିରେ ରହିବା ଏକ ମହାନ ଦୃଷ୍ଟାନ୍ତ ।

ତଥାପି କିଛି ଲୋକ ଆମ ଦେଶରେ ମଧ୍ୟ ଅସହିଷ୍ଣୁତା ବୃଦ୍ଧି ପାଉଛି ବୋଲି କହିବା ନିଶ୍ଚୟ ଭାବରେ ନିରାଶାଜନକ ଏବଂ ଦୁଃଖଦାୟକ । ଭାରତ ଏମିତି ଏକ ସମାଜ ଯେଉଁଠି ଧର୍ମକୁ ନେଇ କେହି କେବେ କାହାକୁ ଏକଘରକିଆ କରୁଥିବା ଉଦାହରଣ ମିଳିବ ନାହିଁ । ହଜାର ହଜାର ବର୍ଷର ସନାତନ ଧର୍ମରେ ଅସହିଷ୍ଣୁତା କେବେ ନଥିଲା କି କେବେ ରହିବ ନାହିଁ । ଆଉ ଯେଉଁ ସବୁ ହାତଗଣତି ଘଟଣାମାନ ଘଟୁଛି ସେ ସବୁ ତ ଆଗରୁ ବି ହେଉଥିଲା । କିନ୍ତୁ ଯେ ସେ ସବୁ ଧର୍ମପାଇଁ ହେଉଛି କହିବା ଅତ୍ୟନ୍ତ ଦୁଃଖଦାୟକ । ଆମ ସାହି ପଡ଼ିଶାରେ ରହୁଥିବା ଲୋକମାନଙ୍କୁ ଆମେ ଭାଇବନ୍ଧୁ ଭାବରେ ଜାଣିଛୁ, ସେମାନେ ହିନ୍ଦୁ ନା ମୁସଲମାନ ନା ଖ୍ରୀଷ୍ଟିୟାନ୍ ତାହା ଆମକୁ କେବେ ସେମାନଙ୍କଠାରୁ ଦୂରେଇ ପାରିବନାହିଁ । ବିଶ୍ୱର ଏକ ମାତ୍ର ଦେଶ ଯେଉଁଠି ସବୁ ଧର୍ମକୁ ସମାନ ଅଧିକାର ଓ ସମ୍ମାନ ମିଳେ ତାହା ହେଉଛି, ଭାରତ । ଭାରତର ଐକତା, ଅଖଣ୍ଡତା ସବୁବେଳେ ଏମିତି ହି ବଜାୟ ରହୁ, ଏହି ପ୍ରାର୍ଥନା କରୁଛି ଏବଂ ଆଶା କରୁଛି ବର୍ଷ ୨୦୧୬ ଆମ ପାଠକ ପାଠିକାଙ୍କ ପାଇଁ ଏକ ସୁଖ, ଶାନ୍ତି, ମୈତ୍ରୀ, ପ୍ରେମ ଓ ସମୃଦ୍ଧିର ବର୍ଷ ହେଉ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

*ପ୍ରତିଷ୍ଠାତା, ସମ୍ପାଦକ*

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା
www.aahwaan.com

# ଚଳିତ ସଂସ୍କରଣରେ...

ସମ୍ପାଦକୀୟ ୪

ଅବଶୋଷ ୧୦
*ପ୍ରଭାତ ଗୁରୁ*

ବ୍ୟାସକବି ଫକୀରମୋହନ ୧୧
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ପଦଏ କଥା ୧୪
*ଦୁର୍ଗା ପ୍ରସାଦ ପଟ୍ଟନାୟକ*

ଆସ ଦେଖିଯିବା ସ୍ନାନପୂର୍ଣ୍ଣିମା ୧୭
*ହିମାଂଶୁ ଶେଖର ବାରିକ*

ବୋଉର ମାଣବସା ୧୮
*ଲକ୍ଷ୍ମୀକାନ୍ତ ନାୟକ*

ବରଗଛ ଓହଳ ୧୯
*ଲକ୍ଷ୍ମୀକାନ୍ତ ନାୟକ*

ଭ୍ରୁଣହତ୍ୟା ମହାଦୋଷ ୨୦
*କମଳାକାନ୍ତ ସୁବୁଦ୍ଧି*

ନମସ୍କାର କାହିଁକି କରିବା ? ୨୧
*ପ୍ରତିଭା ପ୍ରିୟଦର୍ଶିନୀ*

ପୁସ୍ତକ ସମୀକ୍ଷା : ଋତୁସ୍ରାବ ୨୪
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ପ୍ରିୟା - ୨ ୨୬
*ଅନୁପମ ବେହେରା*

ସ୍ୱାର୍ଥପର ଏ କଳିଯୁଗର ମଣିଷ ୩୦
*କ୍ଷେତ୍ରବାସୀ ଜେନା*

ସାଇଡ୍ ଇଫେକ୍ଟ ଅଫ୍ ମୋବ ୩୧
*ରଞ୍ଜନ କୁମାର ସ୍ୱାଇଁ*

**http://www.facebook.com/odiaparibar**

ଆଧୁନିକ ପୀରତି ୩୩
*ପ୍ରଶାନ୍ତ କୁମାର ନାଥ*

ସତରେ କଣ ମୋତେ ଭଲ ପାଉଛ ୩୫
*ପ୍ରଶାନ୍ତ କୁମାର ନାଥ*

ମିଡ଼ବ୍ରେନ୍ ଆକ୍ଟିଭେସନ୍ : ଗୋରଖଧନ୍ଦା ୩୬
*ବାଲ୍ମୀକି ନାୟକ*

ଅବିଶ୍ୱସନୀୟ ଓଡ଼ିଶା ୪୦
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ମୋତେ ମରିବାକୁ ଦିଅ : ଆତଙ୍କବାଦୀ ୪୪
*ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର*

ଦ୍ୱିତୀୟ ଶ୍ରୀକ୍ଷେତ୍ର ??? ୪୭
*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ତୁମ ଭଲପାଇବା ୫୨
*ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ*

ହସ କଥା ୫୨
*ଦୁର୍ଗା ପ୍ରସାଦ ପଟ୍ଟନାୟକ*

ବିଶେଷ ସୂଚନା ୫୩

ଭଗବାନ ସମସ୍ତଙ୍କର ମନୋସ୍କାମନା ପୂରଣ କରନ୍ତୁ । ନୂଆ ବର୍ଷରେ ଆପଣଙ୍କ ସମସ୍ତ ସ୍ୱପ୍ନ ସାକାର ହେଉ । ବିଶ୍ୱ ଶାନ୍ତିମୟ ହେଉ । ସମସ୍ତେ ସୁଖଶାନ୍ତିରେ ରହନ୍ତୁ । ସର୍ବତ୍ର ସୁଖ, ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ, ବନ୍ଧୁତା, ପ୍ରେମ ଓ ସୌହାର୍ଦ୍ଦ୍ୟର ବାତାବରଣ ରହୁ ।

# ନବବର୍ଷର ଅଭିନନ୍ଦନ

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଆସନ୍ତା ମାସ (ଫେବୃଆରୀ) ଦଶ ତାରିଖରେ ପ୍ରକାଶିତ ହେବ, ନିଜ ଲେଖା ପତ୍ରିକାରେ ପ୍ରକାଶିତ କରିବା ଇଚ୍ଛୁକ ଲେଖକଲେଖିକା ନିଜ ଲିଖିତ କୃତିକୁ ଆମ ନିକଟକୁ ଇମେଲ୍‌ଦ୍ୱାରା ପଠାଇ ପାରିବେ କିମ୍ବା ଚିଠିଦ୍ୱାରା ପଠାଇ ପାରିବେ । ଅଧିକ ସୂଚନା ପାଇଁ ପତ୍ରିକାର ଶେଷ ପୃଷ୍ଠାକୁ ପଢ଼ନ୍ତୁ ।

**http://www.facebook.com/groups/aahwaan**



ପ୍ରଭାତ ଗୁରୁ

# ଅବଶୋଷ

ଆଖିର ଲୁହକୁ ଓଠ ପିଉଅଛି
ତଳ ତଳ ଜଳେ ମନ,
କେତେ ଯେ ଯନ୍ତ୍ରଣା ଏ ଛାତି ତଳେ
ଦେଖି ଯାଲେ ଥରେ ଧନ [୧]

ଠିକଣା ତୋ'ର ଖୋଜ ପାଉନାହିଁ
ସମୟ ଗଲାଣି ସର,
କେବେ ତୁ ବୁଝିବୁ ଫେର ଆସିବୁ ଲୋ
ଆଶା ମୋର ଅସୁମାରୀ [୨]

ଆଖିରୁ ମୋର ନଦ ହଜଯାଏ
ମନେ ପଡ଼େ ତୋର ସ୍ମୃତି
ସକାଳ ସଞ୍ଜରେ ଝୁରୁଛି ତୋତେ ଲୋ
ଅଭୁଲା ତୋର ସେ ପ୍ରୀତ [୩]

ଆଖିର ପଲକେ ଗୃହିଁ ରହିଥିବ
ଅପେକ୍ଷାର ନାହିଁ ଶେଷ
ପ୍ରେମକୁ ମୋର ପାଇ ପାରଲନ
ରହିଗଲା ଅବଶୋଷ [୪]

ଯାଜପୁର, ଓଡ଼ିଶା
ମୋବାଇଲ୍ :



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ବ୍ୟାସକବି ଫକୀରମୋହନ ସେନାପତି

ଆଧୁନିକ ଓଡ଼ିଆ ଗଳ୍ପ ଜଗତର ଔଜ୍ଜ୍ୱଲ୍ୟତମ ତାରକା ଥିଲେ ଶ୍ରୀ ଫକୀର ମୋହନ ସେନାପତି । ଜନ୍ମ ସମୟରେ ବ୍ରଜମୋହନ ଭାବରେ ନାମିତ ଏହି ମହାନ ବ୍ୟକ୍ତି ନିଜର ବାଲ୍ୟକାଳରେ ଅନେକ ବ୍ୟାଧି ହେତୁ ଦୁର୍ବଳ ରହୁଥିଲେ ଏବଂ ତାଙ୍କୁ ବାରମ୍ବାର ତତ୍କାଳୀନ ଚିକିତ୍ସକ ବା ଫକୀର ମାନଙ୍କ ପାଖକୁ ନିଆଯାଉଥିବା ହେତୁ ପ୍ରକାରନ୍ତରେ ତାଙ୍କ ନାମ ଫକୀରମୋହନ ବୋଲି କରି ଦିଆଯାଇଥିଲା ।

୧୮୪୩ ମସିହା ଜାନୁଆରୀ ମାସର ୧୩ ତାରିଖ ଦିନ ଏହି ମହାନ ଗଣନାୟକ, ଲେଖକ, ଯୁଗପ୍ରବର୍ତ୍ତକ, ଔପନ୍ୟାସିକ, କବି ତଥା ଓଡ଼ିଆ ଭାଷା ଆନ୍ଦୋଳନର ପ୍ରମୁଖ ପୁରୋଧାମାନଙ୍କ ମଧ୍ୟରୁ ଜଣେ ଶ୍ରୀ ଫକୀର ମୋହନ ସେନାପତିଙ୍କ ଜନ୍ମ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗ୍ରାମରେ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାଆ ତୁଳସୀ ଦେବୀଙ୍କ ଔରସରୁ ହୋଇଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ତାଙ୍କୁ ମାତ୍ର ଦେଢ଼ବର୍ଷ ବୟସ ହୋଇଥିବା ବେଳେ ପିତାଙ୍କର ଦେହାନ୍ତ ହୋଇଥିଲା ଏବଂ ତିନିବର୍ଷ ବୟସ ବେଳକୁ ସେ ମାଆଛେଉଣ୍ଡ ହୋଇଥିଲେ । ପିଲାଦିନୁ ପିତାମାତାଙ୍କୁ ହରାଇବା ପରେ ବ୍ରଜମୋହନ ନିଜ ଜେଜେମାଙ୍କ ଲାଳନ ପାଳନରେ ବଡ଼ ହୋଇଥିଲେ । କିନ୍ତୁ ପିଲାଦିନେ ବ୍ରଜମୋହନ ବାରମ୍ବାର ଅସୁସ୍ଥତା ଭୋଗ କରୁଥିବା ହେତୁ ତାଙ୍କ ଜେଜେମା ତାଙ୍କୁ ଫକୀରମାନଙ୍କ ପାଖକୁ ନେଇ ଯାଉଥିଲେ । ଏବଂ ସେ ଦୃଢ଼ଭାବରେ ଭାବୁଥିଲେ ଯେ କେବଳ ଫକୀରମାନଙ୍କ ଦୟାରୁ ହିଁ ବ୍ରଜମୋହନର ଜୀବନ ସୁସ୍ଥ ହୋଇଥିଲା,

ତେଣୁ ସେ ତାଙ୍କ ନାମ ଫକୀରମୋହନ ବୋଲି କରିଦେଇଥିଲେ ।

ସେ ବାଲେଶ୍ୱରର ବାରବାଟୀ ବିଦ୍ୟାଳୟରେ ମାଇନର୍ ପାସ କରିବାପରେ ବିଦ୍ୟାଅଧ୍ୟୟନ କରୁଥିଲେ କିନ୍ତୁ ଆର୍ଥିକ ଅନଟନ ହେତୁ ସେ ପାଠ ପଢ଼ି କରିନପାରି, ସେହି ବିଦ୍ୟାଳୟରେ ଶିକ୍ଷକତା କରିବା ଆରମ୍ଭ କରିଦେଇଥିଲେ । ଏହାପରେ ସେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କିରାଣୀ ଭାବରେ ଏବଂ ପରେ ପରେ ବାଲେଶ୍ୱର ମିଶନ ସ୍କୁଲରେ ଶିକ୍ଷକତା କରିଥିଲେ ।

ସେ ବିଭିନ୍ନ ଭାଷାରେ ଉଚ୍ଚକୋଟୀର ଲେଖାମାନ ପଢ଼ିବା ସହିତ ଗବେଷଣା କରୁଥିଲେ । ସେ ଓଡ଼ିଆ ସମେତ, ଇଂରାଜୀ, ବଙ୍ଗାଳୀ ଏବଂ ସଂସ୍କୃତ ଭାଷାରେ ମଧ୍ୟ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ତାଙ୍କର ମହାନତା ସେତେବେଳେ ଜଣାପଡ଼ିଥିଲା ଯେତେବେଳେ ତତ୍କାଳୀନ ଇଂରେଜ ସରକାର ଓଡ଼ିଆଭାଷାର ଅବସ୍ଥିତିକୁ ପ୍ରଶ୍ନବାଚୀ କରିଦେଇ ଓଡ଼ିଶାରେ ବଙ୍ଗାଳୀ ଶିକ୍ଷକ ଓ ଭାଷାରେ ବିଦ୍ୟାଳୟରେ ଶିକ୍ଷାଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ମହାନ ଯୁଗଜନ୍ମା ଫକୀରମୋହନ ସେତେବେଳେ ଓଡ଼ିଆ ଭାଷା ଆନ୍ଦୋଳନର ମଙ୍ଗ ଧରିଥିଲେ ଏବଂ ତାଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟାରେ ସେ ଓଡ଼ିଆ ପ୍ରେସ ସ୍ଥାପନ କରି ବିଦ୍ୟାଳୟର ବିଭିନ୍ନ ଶ୍ରେଣୀପାଇଁ ପାଠ୍ୟପୁସ୍ତକମାନ ଓଡ଼ିଆ ଭାଷାରେ ଛପାଇ କଲିକତାରେ ଥିବା ଇଂରେଜ ମହକମାରେ ନେଇ ଉପସ୍ଥିତ ହୋଇଥିଲେ । ଫକୀର ମୋହନଙ୍କ ପ୍ରଚେଷ୍ଟା ହେତୁ ଓଡ଼ିଶାରେ ଓଡ଼ିଆ ଭାଷାରେ ଶିକ୍ଷାଦାନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

ଫକୀରମୋହନଙ୍କ ପାଣ୍ଡିତ୍ୟର ପରାକାଷ୍ଠା ତାଙ୍କୁ ଇଂରେଜ ସାହେବମାନଙ୍କ ଠାରୁ ସମ୍ମାନ ଆଣିଦେଇଥିଲା । ବାଲେଶ୍ୱରର ତତ୍କାଳୀନ ଜିଲ୍ଲାପାଳ ଜନ୍ ବିମ୍ସ ତାଙ୍କୁ ବହୁତ ସମ୍ମାନ କରୁଥିଲେ ଏବଂ ନିଜର ସମ୍ମାନ ପ୍ରଦର୍ଶନ୍ ସ୍ୱରୂପ ତାଙ୍କୁ ନୀଳଗିରିର ଦିୱାନ ପଦବୀ ପ୍ରଦାନ କରିଥିଲେ । ପରେ ପରେ ଫକୀରମୋହନ ଡମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା, କେଉଁଝର ଆଦି ସ୍ଥାନରେ ଦେୱାନ ଦାୟିତ୍ୱ ତୁଲାଇଥିଲେ । ନିଜର ସମଗ୍ର ଜୀବନ ସେ ଭାଷା ଓ ସାହିତ୍ୟପାଇଁ ନିୟୋଜିତ କରିଥିଲେ ।

୧୮୬୮ ମସିହାରେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସେ ଉତ୍କଳ ପ୍ରେସର ସ୍ଥାପନା କରିଥିଲେ । ଏବଂ ସେ ଓଡ଼ିଆଭାଷାରେ ଅନେକ ପତ୍ରପତ୍ରିକା ଓ ସମ୍ବାଦପତ୍ର ପ୍ରକାଶିତ କରିଥିଲେ । ସେ ବୋଧଦାୟିନୀ, ନବସମ୍ବାଦ ଓ ସମ୍ବାଦବାହିକା ନାମରେ ଅନେକ ପତ୍ରିକାର ସମ୍ପାଦନା ଦାୟିତ୍ୱ ସୂଚ୍ଚରୁରୂପରେ ତୁଲାଇଥିଲେ । ଓଡ଼ିଆ ଭାଷାର ଉନ୍ନତି, ପ୍ରଗ୍ରର ଓ ପ୍ରସାର ନିମନ୍ତେ ସେ ଉତ୍କଳ ଭାଷା ଉନ୍ନତି ବିଧାନ ସଭା ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ । ଓଡ଼ିଆ ଭାଷା ଓ ଓଡ଼ିଶା ଭୂମିପାଇଁ ସେ ସ୍ୱେଚ୍ଛାକୃତ କାର୍ଯ୍ୟ କରିଥିଲେ ଏବଂ ଓଡ଼ିଆ ସଂଗଠନର ସେ ପୁରୋଧାଥିଲେ । ୧୯୧୨ ଓ ୧୯୧୭ ମସିହାରେ ଅନୁଷ୍ଠିତ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ସମାବେଶରେ ସେ ସଭାପତି ପଦ ଗ୍ରହଣ କରିଥିଲେ ।

ଓଡ଼ିଆ ଭାଷାରେ ଗଳ୍ପ ଓ ଉପନ୍ୟାସ ତଥା ସର୍ବଭାରତୀୟ ସ୍ତରରେ ପ୍ରଥମ ଔପନ୍ୟାସିକ ଭାବରେ

ଆମେ ଫକୀରମୋହନଙ୍କୁ ସମ୍ମାନ ଜଣାଇବା ଉଚିତ । ତାଙ୍କଦ୍ୱାରା ରଚିତ ପ୍ରତ୍ୟେକ ଉପନ୍ୟାସ ତତ୍କାଳୀନ ଓଡ଼ିଶାର ଏକ ନିଛକ ଚିତ୍ରଣ ଥିଲା, ସେ ଲେଖିଥିବା ଛଅମାଣ ଆଠଗୁଣ୍ଠ, ମାମୁଁ, ପ୍ରାୟଶ୍ଚିତ ଓ ଲଛମା ଓଡ଼ିଆଭାଷାର କାଳଜୟୀ କୃତି । ଏହି ଗୁଡ଼ିକ ଉପନ୍ୟାସ ବ୍ୟତୀତ ସେ ନିଜର ଆତ୍ମଜୀବନୀ ମଧ ଲେଖିଥିଲେ, ଯାହାର ନାଆଁ ଥିଲା, ଆତ୍ମଜୀବନ ଚରିତ ।

୧୮୬୦ ମସିହାରେ ସେ ଓଡ଼ିଆଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ ଲେଖିଥିଲେ ଲଛମନିଆ, ଯାହା ତାଙ୍କଦ୍ୱାରା ସମ୍ପାଦିତ ବୋଧଦାୟିନୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହାପରେ ୧୮୯୮ ମସିହାରେ ତାଙ୍କ ରଚିତ ରେବତୀ ବହୁତ ଜନପ୍ରିୟତା ଲାଭ କରିଥିଲା । ଦୁର୍ଭାଗ୍ୟର ବିଷୟ, ଲଛମନିଆ ଯଦିଓ ଫକୀରମୋହନଙ୍କ ପ୍ରଥମ କ୍ଷୁଦ୍ରଗଳ୍ପ କିନ୍ତୁ ସର୍ବଭାରତୀୟ ସ୍ତରରେ ତାଙ୍କୁ ଭାରତର ପ୍ରଥମ କ୍ଷୁଦ୍ରଗଳ୍ପ ରଚନାକାର ଭାବରେ ସମ୍ମାନ ମିଳିଲା ନାହିଁ । ପରେ ପରେ ସେ ଅନେକ କ୍ଷୁଦ୍ର ଗଳ୍ପ ଯଥା ପେଟେଣ୍ଟ୍ ମେଡ଼ିସିନ୍, ଡାକମୁନସୀ, ଅଧର୍ମବିତ୍ତ, ଗଣ୍ଡିପୁଅ ଅନନ୍ତା, ସତ୍ତ୍ୱ ଜମିଦାର ଆଦି ପ୍ରକାଶିତ ହୋଇଥିଲା ।

ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି । ତାଙ୍କର ପ୍ରଥମ କବିତା ସଂଗ୍ରହ ଉତ୍କଳ ଭ୍ରମଣ ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା । ପରେ ପରେ ସେ ପୁଷ୍ପମାଳା, ଉପହାର, ପୂଜାଫୁଲ, ପ୍ରାର୍ଥନା, ଧୂଳି ଆଦି ଅନେକ କାବ୍ୟ ରଚନା କରିଛନ୍ତି । ନିଜର ପ୍ରଥମ ପତ୍ନୀ ଅସୁସ୍ଥ ଥିବା ସମୟରେ ସେ ସଂସ୍କୃତରେ ରଚିତ ରାମାୟଣ ଓ ମହାଭାରତକୁ ଓଡ଼ିଆରେ ଅନୁବାଦ କରି ଶୁଣାଉଥିଲେ ଏବଂ ଏହା ଓଡ଼ିଆଭାଷାରେ ସରଳ ଭାବରେ ଭାଷାନୁବାଦିତ ରାମାୟଣ ଓ ମହାଭାରତ ହୋଇଥିବା ହେତୁ ତାଙ୍କୁ ବ୍ୟାସକବି ବୋଲି ଉପାଧି ଦିଆଯାଏ । ଏହାବ୍ୟତୀତ ତତ୍କାଳୀନ ବାମରା ରାଜ୍ୟର ରାଜା ତାଙ୍କୁ ସରସ୍ୱତୀ ଉପାଧିରେ ସମ୍ମାନିତ କରିଥିଲେ ।

ବ୍ୟକ୍ତିଗତ ସ୍ତରରେ ସେ ଜଣେ ଅତ୍ୟନ୍ତ ଦୁଃଖୀ ମନୁଷ୍ୟଥିଲେ । ବାଲ୍ୟ ସମୟରେ ପିତାମାତାଙ୍କୁ ହରାଇଥିଲେ ସେ, ଏହାପରେ ବାରମ୍ବାର ଅସୁସ୍ଥ ରହୁଥିଲେ । ୧୮୫୬ ମସିହାରେ ସେ ବିବାହ କରିଥିଲେ ମଧ ନିଜର ପ୍ରଥମ ପତ୍ନୀଙ୍କୁ ହରାଇଥିଲେ । ପୁଣି ୧୮୭୧ ମସିହାରେ ଦ୍ୱିତୀୟ ବିବାହ କରିବା ପରେ ମଧ ସେ ହଇଜାରେ ପ୍ରାଣ ହରାଇଥିଲେ । ପ୍ରଥମ ପତ୍ନୀଙ୍କ ଠାରୁ ଜନ୍ମିତ ତାଙ୍କର ପ୍ରଥମ ପୁତ୍ର ମାତ୍ର ଛଅ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲା, ଦ୍ୱିତୀୟ ପତ୍ନୀଙ୍କ ଔରସରୁ ଜନ୍ମିତ ପୁତ୍ର ସହ ତାଙ୍କର ମନାନ୍ତର ହୋଇଥିଲା । ଅନେକ ଦୁଃଖରେ ମଧ ସେ ଆମକୁ ଅନେକ ଉପାଦେୟ ଗ୍ରନ୍ଥ ଓ ଏକ ଉନ୍ନତ ଭାଷା ଭଣ୍ଡାର ଦେଇଯାଇଛନ୍ତି ।

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା
www.aahwaan.com



ଦୁର୍ଗା ପ୍ରସାଦ ପଟ୍ଟନାୟକ

# ପଦିଏ କଥା

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ଗୋଟିଏ ଛୋଟ ଧାନକଳ ଆରମ୍ଭ କରିଥିଲେ ଶ୍ରୀ ବଳରାମ ମହାନ୍ତି । ହାଡ଼ଭଙ୍ଗା ପରିଶ୍ରମ ସହିତ, ବୁଦ୍ଧିବିବେକ ଖଟେଇ ସେ ଦିନକୁ ଦିନ ଉନ୍ନତିର ପଥ ଦେଖିଥିଲେ । ଦିନ ଆସିଲା, ଯେତେବେଳେ ତାଙ୍କ ଧାନକଳର ଡାକନାଁ ହୋଇଗଲା ସାରା ଓଡ଼ିଶାରେ । ଗାଁ ଗଣ୍ଡା ଗଳିକନ୍ଦିରେ ଘରେ ଘରେ ସମସ୍ତେ ତାଙ୍କ କଳର ଚାଉଳ ବ୍ୟବହାର କରିବାକୁ ଲାଗିଲେ । ଉନ୍ନତ ଗୁଣମାନକୁ ଧ୍ୟାନରେ ରଖି ସେ ଯେଉଁ ସେବା ଦେଲେ ତାହା ଫଳରେ ତାଙ୍କ ଧାନକଳ ଚାଉଳ ସମସ୍ତେ ଖୋଜିଲେ । ଥରେ ବ୍ୟବହାର କରିବା ଲୋକ ବାରମ୍ବାର କେବଳ ସେହି ଚାଉଳ ହିଁ ଖାଇବାକୁ ଚାହିଁଲେ ।

କୁହାଯାଏ, 'ତୁଣ୍ଡ ବାଇଦ ଶହସ୍ର କୋଶ', ଦିନ ଆସିଲେ ବଳରାମ ବାବୁଙ୍କ ନାଁ ଓଡ଼ିଶା ବାହାରେ ମଧ୍ୟ ଖ୍ୟାତି ଲାଭ କଲା । ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ହେତୁ ସେ ଦିନ ଗତି ନିଜ ପରିଶ୍ରମର ସୁଫଳ ପାଇବାରେ ଲାଗିଲେ । ତାଙ୍କ ଉତ୍ପାଦର ପ୍ରଶଂସା ଯେତିକି ତାଙ୍କ ନିଜର ଯଶଖ୍ୟାତି ସେତିକି ବୃଦ୍ଧି ପାଏ । ସେ ବର୍ତ୍ତମାନ ଜଣେ ଜଣାଶୁଣା ଶିଳ୍ପପତି ଭାବରେ ସମ୍ମାନିତ ହୋଇଛନ୍ତି । ଘର ନୁହେଁ ତ ରାଜ ଉଆସ । ବାହାରେ ସୁରକ୍ଷାକର୍ମୀ, ଭିତରେ ବିଲାତି କୁକୁର । ସବୁପ୍ରକାର ବିଳାସବ୍ୟସନରେ ବଳରାମବାବୁ ସମୃଦ୍ଧ ।

ଦୁଇପୁଅ ବିବାହିତ, ତେଣୁ ଘରେ ସବୁବେଳେ ଗହଳି

ଚହଲ, ପୁଅ ନାତିଙ୍କ ସହ ବେଶ ଭଲରେ ସମୟ ବିତୁଥାଏ ବଳରାମଙ୍କ । ପୁଅମାନେ ବାପାଙ୍କ କାନ୍ଧସହ କାନ୍ଧ ମିଶେଇ ତାଙ୍କ କାରବାରକୁ ଆଗକୁ ନେଲେଣି । ତଥାପି ବଳରାମ ନ ଗଲେ କୌଣସି କାମ ସୁରୁଖୁରୁରେ ହୁଏ ନାହିଁ ।

ଏତେ ସାଜ ସଉଜରେ ରହୁଥିବା ଏବଂ ବିଳାସରେ ଦିନ କାଟୁଥିବା ବଳରାମବାବୁ କିନ୍ତୁ ଦିନେ ମୋଟର ଗାଡ଼ି ବ୍ୟବହାର କରିନାହାନ୍ତି । ତାଙ୍କ ସାଇକେଲ ଭଲ ତ ସେ ଭଲ । ସାଇକେଲରେ ବସି ଧାନକଳ ଯାଆନ୍ତି, ବଜାର କରନ୍ତି, ବେଳେ ବେଳେ ସହର ବାହାରକୁ ସାଇକେଲ ନେଇ ମାଡ଼ିଯାଆନ୍ତି । କହିବା ବାହୁଲ୍ୟ ସାଇକେଲ ଚଳାଇବା ବାବୁଙ୍କ ଗୋଟେ ସଉକ । ଘରେ ଗାଡ଼ି ମୋଟରର ଅଭାବ ନଥାଇ ସୁଦ୍ଧା ବଳରାମ ବାବୁ ସାଇକେଲ ଚଳାଇବା ଦେଖି କିଛି ଲୋକ ନାକରେ ଆଙ୍ଗୁଠି ଦେଇ ହସନ୍ତି, କୁହନ୍ତି ଏତେ ସମ୍ପତ୍ତି କଣ ମରିବା ବେଳକୁ ଧରିକି ଯିବ ? ହେଲେ ବଳରାମ ବାବୁ ସେ ସବୁ କଥାକୁ କେବେ ଧ୍ୟାନ ଦେଇନାହାନ୍ତି ।

ଅବଶ୍ୟ କେବେ କେବେ ବନ୍ଧୁମାନେ ଦେଖାହେଲେ ଉପଦେଶ ଦେବାକୁ ଭୁଲନ୍ତି ନାହିଁ । କହନ୍ତି, ଆରେ ତୋ ସଉକ ପରେ, ଅନ୍ତତଃ ତୋ ସମ୍ମାନକୁ ଦେଖି ତ ସାଇକେଲ ଛାଡ଼ିଦେ । ଦୁନିଆରେ ଗରିବରୁ ଗରିବ ଲୋକମଧ୍ୟ ଆଜିକାଲି ମୋଟର ଚଢ଼ିଲାଣି, ଆଉ ତୁ ଏତେ ବଡ଼ ଶିଳ୍ପପତି ହୋଇମଧ୍ୟ ସେଇ ପୁରୁଣା ସାଇକେଲ ଧରି ବୁଲୁଛୁ ? ତୋ ପୁଅମାନେ କଣ ଭାବୁଥିବେ କହିଲୁ ? ବାଟଘାଟରେ ଯିବାଆସିବା ଲୋକ ତୋତେ କଣ କହୁଛନ୍ତି ଜାଣିଛୁ ?

ବଳରାମବାବୁ କିନ୍ତୁ ସବୁ ଶୁଣି ହସିଦେଇ କହନ୍ତି, 'ଏବେ ବି ସମୟ ଅଛି, ତୁମେମାନେ ବି ସାଇକେଲ ଧରି ପକାଅ, ନହେଲେ...' ସାଙ୍ଗମାନେ ବିରକ୍ତ ଭାବ ଦେଖାଇ କହନ୍ତି ନହେଲେ କଣ ହେବ ? ବଳରାମ ବାବୁ ହସିଦେଇ ସାଇକେଲ ଧରି ଚାଲି ଯାଆନ୍ତି । ଘରେ ମଧ୍ୟ ସମସ୍ତେ ବଳରାମ ବାବୁଙ୍କ ଏହି ସାଇକେଲ ପ୍ରେମକୁ ବିରୋଧ କରନ୍ତି । ବହୁତ ବୁଝା ସୁଝା କରିବା ପରେ ମଧ୍ୟ ଯେତେବେଳେ ବଳରାମ ବାବୁ କିଛି ଶୁଣନ୍ତି ନାହିଁ, ପୁଅମାନେ ଜିଦ୍ କରି ବାପାଙ୍କ ପାଇଁ କାର ଗୋଟିଏ କିଣି ଆଣିଦିଅନ୍ତି । ଭଲ କରି ତାଗିଦ୍ କରିଦିଅନ୍ତି । ଆଜିଠୁ କେବଳ କାରରେ ହିଁ ଆପଣ ଯିବାଆସିବା କରିବେ । ସାଇକେଲ ବନ୍ଦ । ଆମ ରାଇସ୍ ମିଲରେ କାମ କରୁଥିବା କର୍ମଚାରୀମାନେ ଗାଡ଼ିରେ ଆସୁଛନ୍ତି ଆଉ ଆପଣ ସାଇକେଲରେ ଆସିବା ସୁନ୍ଦର ଲାଗୁନି । ଅନ୍ତତଃ ଆମ ପରିବାରର ସମ୍ମାନ ଓ ପ୍ରତିଷ୍ଠାକୁ ଦେଖି କାରରେ ହିଁ ଆସ । ଏହା ଶୁଣି ଲୁହ ଛଳ ଛଳ ଆଖିରେ ବଳରାମ କୁହନ୍ତି, 'ଏହି ସାଇକେଲରେ ବସେଇ ତୁମ ଦୁଇଟାକୁ ବଡ଼ କରିଥିଲି । କେତେ ବୁଲିଛ ତୁମେ ଏଇ ସାଇକେଲରେ । କେତେ ଖୁସି ହେଉଥିଲେ ତୁମେ ଦୁଇଜଣ । ସବୁଆଡ଼େ ବୁଲି ଯାଉଥିଲି, ସ୍କୁଲ, ବଜାର, ସହର । ସେତେବେଳେ ତ କିଛି ଖରାପ ଲାଗୁନଥିଲା ? ଏବେ କାହିଁକି ଲାଗୁଛି ? ହଇରେ ସେତେବେଳେ ତ ଜିଦ୍ କରୁଥିଲ ଆମକୁ ସାଇକେଲରେ ବସେଇ ବୁଲେଇ ନିଅ ବୋଲି ? ଆଜି ତମେ ସବୁ ଷ୍ଟାଟସ ଦେଖେଇ ହଉଛ ?

ମୁଁ ସେତେବେଳେ ଯେମିତ ଥିଲ ଏବେ ବ ସେମିତ ହିଁ ଅଛ ଆଉ ସବୁବେଳେ ଏମିତ ହିଁ ରହବ ? ଧନ ସମ୍ପତ୍ତି ମୁଣ୍ଡରେ ନ ଚଢ଼ିଲେ ହିଁ ଭଲ । ଥରେ ମୁଣ୍ଡରେ ଏ ସବୁର ଗର୍ବ ଚଢ଼ିଲେ ମନୁଷ୍ୟର ଦୁର୍ଦ୍ଦିନ ଆସିଯାଏ । ଯଦ ତୁମମାନଙ୍କୁ ମୋ ସାଇକେଲ ଚଳେଇ ମିଲ୍‌କୁ ଆସିବା ଭଲ ଲାଗୁନ ତା ହେଲେ କାଲଠୁ ମୁଁ ଆଉ ମିଲ୍‌କୁ ଆସିବ ନାହିଁ । ତମେ ମାନେ ତ ବଡ଼ ହେଇଗଲଣି । ମୁଣ୍ଡକୁ ହାତ ପାଇଲାଣି । ମୋତେ ଆଉ କାହିଁକ ପଚାରବ ? ମୋର ରହବା ନ ରହବା କଛ ଫରକ ପକାଏନ ନା । ମୋର ପଦଏ କଥା କନ୍ତୁ ମନେ ରଖିଥାଅ, ଧନ ଠାରୁ ସ୍ୱାସ୍ଥ୍ୟ ବଡ଼ ସମ୍ପଦ ।'

ସେହ ଦନଠାରୁ ବଳରାମବାବୁ ଆଉ ମିଲ ଯାଇନାହାନ୍ତ । ଅନେକ ବର୍ଷ ବତଗଲାଣି । ବୟସ ଦନକୁ ଦନ ଗଡ଼ି ଚାଲଛ । ବୟସର ସାତଟି ଦଶକରେ ପାଦ ଦେଇଥିଲେ ମଧ୍ୟ ବଳରାମ ପୂର୍ବପର ଯୁବସମ ତେଜୟାନ୍ ଅଛନ୍ତ । ଠିକ୍ ସେମିତ ହୃଷ୍ଟପୃଷ୍ଟ, ସୁସ୍ଥସବଳ ଥାଏ । ହେଲେ ବଳରାମଙ୍କ ବନା ଉପସ୍ଥିତରେ ତାଙ୍କ ମିଲ୍‌ର ଅବସ୍ଥା ଜର୍ଜର ହୋଇଗଲାଣି । ପୁଅମାନେ ଆଉ ପୂର୍ବପର ସକ୍ଷମ ନାହାନ୍ତ । ମିଲ୍‌ର ପ୍ରତଷ୍ଠା ଦନକୁ ଦନ କମ ହେବାରେ ଲାଗି ଦନ ଆସିଲା ଯେମିତ ବନ୍ଦ ହୋଇଗଲା । ପୁଅମାନେ ମଧ୍ୟ ଆଉ ରୋଜଗାରକ୍ଷମ ରହଲେ ନାହିଁ । ମାନସିକ ଚନ୍ତାରେ ଦନକୁ ଦନ ଅଧିକରୁ ଅଧିକ ରୋଗୀ ହୋଇପଡ଼ିଲେ ସେମାନେ । ବ୍ଲଡ୍ ପ୍ରେସର, ଡାଇବେଟିସ୍ ଆଉ କେତେ କଣ ରୋଗ ସବୁ ମାଡ଼ିବସିଲା । ଦନଥିଲା ରୂପାଥାଳରେ ବସି ସୁଖାଦ୍ୟ ଖାଉଥିବା ପିଲାମାନେ ଏବେ ସବୁପ୍ରକାର ସୁଖାଦ୍ୟ ଖାଇବାକୁ ମନା ହୋଇଯାଇଥିଲା । ଡାକ୍ତରୀ ପରାମର୍ଶ ସେମାନଙ୍କ ଜୀବନକୁ ଦୁଃସହ କରଦେଇଥିଲା । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେମାନଙ୍କୁ ପ୍ରତଦନ କଛ ସମୟ ବ୍ୟାୟାମ କରବାପାଇଁ ବାଧ ହୋଇ ସାଇକେଲ ଚଳାଇବାକୁ ପଡ଼ିଲା । ଗାଡ଼ି ମୋଟର ଥିଲେ ସୁଦ୍ଧା ସେମାନେ ସାଇକେଲରେ ଯିଆ ଆସିବା କରବାକୁ ବାଧ ହେଲେ ।

ସେମାନଙ୍କ ଦୂରବସ୍ଥା ଦେଖି ବଳରାମ ମନ ଦୁଃଖ କରୁଥାନ୍ତ ଯାହା, ହେଲେ ସେମାନଙ୍କୁ କେବେ ମନେ ପକେଇ ଦେଇନାହାନ୍ତ ସେମାନେ ବାପାଙ୍କ ସହ କଣ କରଥିଲେ । ଦନ ଆସିଲା ଯେତେବେଳେ ସେମାନଙ୍କୁ ନଜେ ନଜେ ହୃଦୟଙ୍ଗମ ହେଲା ଯେ ବାପାଙ୍କ ସୁନ୍ଦର ସ୍ୱାସ୍ଥ୍ୟର କାରଣ କଣ । କାହିଁକ ସେ ସବୁବେଳେ ସାଇକେଲକୁ ପ୍ରାଧାନ୍ୟ ଦେଉଥିଲେ, ସେମାନେ ବାପାଙ୍କ କଥା ନ ମାନ ନେଡ଼ିଗୁଡ଼ କହୁଣୀକୁ ବୋହଗଲା ପରେ ଆଉ କଛ କରବାର ନଥିଲା ।

କୁଚଣ୍ଡା, ରାମଜପଡ଼ା
ସମ୍ବଲପୁର, ଓଡ଼ିଶା
ମୋବାଇଲ୍ - ୯୫୮୩୩୨୨୧୪୩

# ଆସ ଯିବା ଦେଖି ସ୍ନାନପୂର୍ଣ୍ଣିମା



ହମାଂଶୁ ଶେଖର ବାରକ୍

ଗୃଲରେ ମିତ ଯିବା ଦେଖି ଦେବ ସ୍ନାନ ପୂର୍ଣ୍ଣିମା
ପ୍ରତ୍ୟକ୍ଷ ଦର୍ଶନ କରବା ଜଗନ୍ନାଥ ମହମା ।
ଜଗତର ନାଥ ଜଗନ୍ନାଥ ଜନମ ଦବସ
ଉତ୍ସବ ମୁଖର ପୁରୀ ଧାମେ ହୋଇବା ହରଷ ।
ମଣି ମାଲ୍ୟ ଗୃମର ପତାକା ତୋରଣ ସଜ୍ଜିତ
ସ୍ନାନମଞ୍ଚ ହୋଇବ ଧୂପ ଚନ୍ଦନ ସୁରଭତ ।
ଦକ୍ଷିଣ ଦଗରେ ଅଛ ଯେତେ କୂପ ପୂଣ୍ୟମୟ
ସୁନା ରୂପା ତମ୍ବା କଳସୀରେ ଅଣାଯିବ ପୟ ।
ଶାସ୍ତ୍ର ବଧି ମତେ ଏଥି କରାଯିବ ଅଧିବାସ
ତନ ଠାକୁର ପହଣ୍ଡି ସର୍ବେ କରବ ଉଲ୍ଲାସ ।
ଛତ୍ର ଗୃମର ବ୍ୟଜନ କରାଯିବ ଉତ୍ତୋଳନ
ଆହ୍ଲାଦତ କରବ ହୃଦ ବଭିନ୍ନ ବାଦ୍ୟସ୍ୱନ ।
ସ୍ନାନ ମଣ୍ଡପରେ ମହାପ୍ରଭୁ ହୋଇବେ ବରାଜତ
ବଦନ ବ୍ୟତୀତ ହୋଇବ ସର୍ବାଙ୍ଗ ଆଚ୍ଛାଦତ ।
ଏକ ଶତ ଆଠ କଳସୀ ଜଳେ କରବେ ସ୍ନାନ
ସମ୍ଦ୍ରଜ୍ୟେଷ୍ଠା ମନ୍ତ୍ରର ପାଠ କରବେ ବ୍ରାହ୍ମଣ ।
ବସ୍ତ୍ର ଚନ୍ଦନ ମାଲ୍ୟ ତଥା ନାନା ଭକ୍ଷ୍ୟ ଦ୍ରବ୍ୟରେ
ବଧି ମତେ ପୂଜା ବପ୍ର କରବେ ଭକତ ଭରେ ।
ଦକ୍ଷିଣ ମୁହାଁ ହୋଇ କରବେ ଅଣସର ଯାତ୍ରା
ହୀରା ନୀଳାଦ ଅଳଙ୍କାର କାଢ଼ି ନେବେ ଦଇତା ।
ଅତ ପୁଣ୍ୟମୟ ଅଟେ ଦେବସ୍ନାନ ଦରଶନ
ପୁରାଣ କହଇ ଏହା କରେ ମୋକ୍ଷ ପରଦାନ ।
ସ୍ନାନାବଶେଷ ଜଳ କରଲେ ଶରୀରେ ଲେପନ
ସର୍ବ ମନୋସ୍କାମ ଭକ୍ତର ହୋଇଥାଏ ପୂରଣ ।

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହତ୍ୟ ଇ-ପତ୍ରକା
www.aahwaan.com



ଲକ୍ଷ୍ମୀକାନ୍ତ ନାୟକ

# ବୋଉର ମାଣବସା

ବୁଧବାର ଦନ ବୋଉ ଲେପା ପୋଛା କରେ !
ତା ପରେ ଯାଇ କ ସେ ଫୁଲ ତୋଳ ଆଣେ !!
ଗୁରୁବାର ଦନରେ ଯେ ଗତରୁ ସେ ଉଠେ !
ଘଣ୍ଟ ହୁଳ ହୁଳରେ ଯେ ଗୃର ଆଡ଼େ କମ୍ପେ !!

ଝୋଟି ପଣାରେ ଯେ ଘର ହସି ଉଠେ !
ଗୃର ଆଡ଼େ ଝୁଣାରେ ଯେ ଘର ବାସି ଉଠେ !!
ସକାଳେ ସକାଳେ ଘର ପୂଜା ପାଠ ସରେ !
ସେ ଦନରେ ବୋଉ ମୋର ମାଣବସା କରେ !!

ଗୁରୁବାର ଦନ ପୁର୍ ଉପାସରେ ରହେ !
ଦନ ବେଳା ଯାଇକ ସେ ମଣ୍ଡା ଭୋଗ ଖାଏ !!
ସନ୍ଧ୍ୟା ବେଳେ ପୁଣି ସେ ତ ପୂଜା ପାଠ କରେ !
ଲକ୍ଷ୍ମୀ ପୁରଣ ବହକୁ ସେ ପଠନ ଯେ କରେ !!

ସମସ୍ତଙ୍କ ଆରେଗ୍ୟ ଯେ କାମନା ସେ କରେ !
ଏହ ଭଳ କଟେ ମାର୍ଗଶୀର ଗୁରୁବାର !!
ଘଣ୍ଟ ହୁଳ ହୁଳରେ ଯେ କଟେ ପୁର୍ ଦନ !!!

ସିଭିଲ୍-ମେଣ୍ଟେନାନ୍ସ୍
ବେଦାନ୍ତ ଲମିଟେଡ୍ (ଷ୍ଟେର୍‌ଲାଇଟ୍ ଗ୍ରୁପ୍)
ଲାଞ୍ଜିଗଡ଼, କଳାହାଣ୍ଡି
ମୋ : ୯୭୭୭୪୫୭୨୧୬



ଲକ୍ଷ୍ମୀକାନ୍ତ ନାୟକ

# ବରଗଛ ଓହଳ

ବରଗଛ ଓହଳ, ବରଗଛ ଓହଳ ।
ପିଲାଦିନେ କେତେ ଖେଳୁ ତା ଗଛ ମୂଳରେ
ଟନ୍ ଟନ୍ ଆବାଜରେ ଖୁସିର ଲହରେ ।
ଖେଳଛୁଟି ଆସିଗଲା ଗୁଳିଯିବା ସହଳ
କେତେ ଆନନ୍ଦରେ କାଟୁ ତ ଗଛ ମୂଳରେ
ବରଗଛ ଓହଳ ବରଗଛ ଓହଳ ।
ଗୋଟାଏ ଉପରେ ଗୋଟାଏ ଝୁଲୁ ତ ଗଛ ଚେରରେ ।
ଝୁଲୁ ଥାଉ ଆମେ କେତେ ଆନନ୍ଦରେ
ତା ଗଛ ଚେରରେ ।
ଝୁଲୁ ଝୁଲୁ କେତେ ଖାଲରେ ପଡ଼ନ୍ତି
ଦେହ ମୁଣ୍ଡ ଓଦାକରି ଦୁଃଖରେ ଫେରନ୍ତି ।
କେତେ ମଜା କେତେ ସଜା, କାଟନ୍ତି ତା ମୂଳରେ ।
ସେ ଦିନ କି ଆଉ ଆସିବ,
ସେହି ସ୍ମୃତିଭରା ଦିନ କି ଫେରିବ ।

ସିଭିଲ୍ ମେଣ୍ଟେନାନ୍ସ
ବେଦାନ୍ତ ଲିମିଟେଡ୍ (ଷ୍ଟେର୍‌ଲାଇଟ୍ ଗ୍ରୁପ୍)
ଲାଞ୍ଜିଗଡ଼, କଳାହାଣ୍ଡି
ମୋବାଇଲ୍ : ୯୭୭୭୪୫୭୨୧୬



କମଳାକାନ୍ତ ସୁବୁଦ୍ଧି

# ଭୃଣହତ୍ୟା ମହାଦୋଷ

ମାଆ ଦରକାର, ଭଗ୍ନୀ ଦରକାର
ଆଉ ପତ୍ନୀ ଦରକାର,
ଦୁନିଆ ଆଲୋକ ନ ଦେଖୁଣୁ କିନ୍ତୁ
କନ୍ୟା ଭୃଣ ନଷ୍ଟ କର ।
କନ୍ୟା ରହିଲେ ତ ମାଆକୁ ପାଇବ
ଭଉଣୀ, ସ୍ତ୍ରୀ ମିଳିବ,
ଅଜବ ଦୁନିଆ ଝିଅ ଗ୍ରହେଁନାହିଁ
ଏ ସବୁ କେମିତ ହେବ ?
ଆଜିର ସମାଜେ ସଭିଏଁ ସମାନ
ପୁଅ ହେଉ ଅବା ଝିଅ,
ଝିଅଟିଏ ବୋଲି କିଆଁ ହତାଦର
ସଗର୍ବେ ଜନମ ଦିଅ ।
କନ୍ୟା ସନ୍ତାନକୁ ବଞ୍ଚାଅ ହେ ଆଜି
କନ୍ୟା ତ ଘରର ଲକ୍ଷ୍ମୀ,
କନ୍ୟାଭୃଣ ହତ୍ୟା ମହା ଦୋଷାବହ
ପାଇବନି ମା, ସ୍ତ୍ରୀ ବା ଭଗ୍ନୀ ।

ନଇର, ଖୋର୍ଦ୍ଧା



ପ୍ରତିଭା ପ୍ରିୟଦର୍ଶିନୀ

# ନମସ୍କାର କାହିଁକି କରିବା

ଈଶ୍ୱରଙ୍କୁ ସମ୍ମାନ ଓ ଭକ୍ତି ଜଣାଇବାର ଅନେକ ଗୁଡିଏ ମାଧ୍ୟମ ରହିଛି । ଭିନ୍ନ ଭିନ୍ନ ହସ୍ତମୁଦ୍ରା ଦ୍ୱାରା ପ୍ରଣିପାତ ଓ ପ୍ରାର୍ଥନା ଜଣାଇବାର ପ୍ରଚଳନ ଦେଖାଯାଏ । କିଛିଲୋକ ଯୋଡ଼ହସ୍ତ ହୋଇ ଯାଚନା କରନ୍ତି ଏବଂ ଆଉକିଛି ଲୋକ ମୁଠାଛନ୍ଦି ପ୍ରଣିପାତ ଜଣାଇଥାନ୍ତି । ହିନ୍ଦୁ ଧର୍ମରେ ଉପରୋକ୍ତ ମୁଦ୍ରାରେ ଈଶ୍ୱରଙ୍କୁ ନମସ୍କାର ବା ପ୍ରାର୍ଥନା କରିବାକୁ ଉଚିତ ବୋଲି ବିବେଚନା କରାଯାଏ ଏବଂ ଏହାର ସହଜ କାରଣ ହେଉଛି, ଏହି ମୁଦ୍ରା ଈଶ୍ୱରଙ୍କ ଠାରୁ ଚୈତନ୍ୟ ଶକ୍ତିକୁ ନିଜ ଆଡ଼କୁ ଆବାହନ କରିବା ଲାଗି ଶ୍ରେଷ୍ଠ ଓ ବିଜ୍ଞାନ ସମ୍ମତ । ଏଠାରେ ଆମେ ନମସ୍କାର କରିବାର ଆଧ୍ୟାତ୍ମିକ ବୈଶିଷ୍ଟ୍ୟ ଓ ଉପକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ।

## *ନମସ୍କାର ଶବ୍ଦର ସୃଷ୍ଟି ଓ ଏହାର ଅର୍ଥ*

'ନମସ୍କାର' ଶବ୍ଦଟି ମୂଳ ଶବ୍ଦ 'ନମଃ'ରୁ ଆନୀତ, ଯାହାର ଅର୍ଥ ହେଉଛି ଭକ୍ତି, ସମ୍ମାନ ଅଥବା ସ୍ୱାଗତ ଜଣାଇବା । ନ୍ୟାୟଶାସ୍ତ୍ର ଅନୁସାରେ 'ନମଃ' ହେଉଛି ଏପରି ଏକ ଶାରୀରିକ ମୁଦ୍ରା, ଯାହା ଏହି ବାର୍ତ୍ତା ଦିଏଯେ, 'ଆପଣ ମୋ ଠାରୁ ସମସ୍ତ ଗୁଣରେ ଓ ସବୁ ପ୍ରକାରେ ଉନ୍ନତ' । ଜଣଙ୍କୁ ନମସ୍କାର କରିବାର ମୂଳ ଉଦ୍ଦେଶ୍ୟ ହେଉଛି ଆଧ୍ୟାତ୍ମିକ ଓ ବାସ୍ତବିକ ଉପାଦେୟତା/ ଉପଯୋଗୀତା ଆହରଣ କରିବା ।

*ବାସ୍ତବିକ ଉପକାରିତା*

ଭଗବାନ ଅଥବା କୌଣସି ସନ୍ଥଙ୍କୁ ନମସ୍କାର କରିବା ଦ୍ୱାରା, ଅଜାଣତରେ ଆମ ମନ ଉପରେ ସେମାନଙ୍କ ମହାନତା ଓ ବୈଶିଷ୍ଟ୍ୟର ପ୍ରଭାବ ପଡ଼େ । ସମୟକ୍ରମେ ଧୀରେ ଧୀରେ ଆମେ ସେଗୁଡ଼ିକୁ ଅନୁକରଣ କରିବା ଆରମ୍ଭ କରୁ ଏବଂ ନିଜକୁ ଆହୁରି ଭଲ ମଣିଷ ରେ ରୂପାନ୍ତରିତ କରିପାରୁ ।

*ଆଧ୍ୟାତ୍ମିକ ଉପକାରିତା*

*ସରଳତା ଓ ବିନମ୍ରତାର ବୃଦ୍ଧି ଓ ଆତ୍ମ ଗର୍ବର ଅପସାରଣ- ନମସ୍କାର କରିବା ବେଳେ ଜଣେ ଯଦି ଚିନ୍ତାକରେ, 'ଆପଣ ମୋ ଠାରୁ ବଡ଼ ଓ ଶ୍ରେଷ୍ଠ, ଏବଂ ମୁଁ ଆପଣଙ୍କ ଅଧସ୍ଥିନ; ଆପଣ ସର୍ବଜ୍ଞ ଓ ମୁଁ ଅଜ୍ଞାନ, କିଛି ବି ଜାଣେନି । ଏହି ଭାବ ଆତ୍ମଗର୍ବକୁ ଅପସାରଣ କରି ବିନମ୍ରତା ବଢ଼ାଏ ।

*ସମର୍ପଣ ଓ କୃତଜ୍ଞ ଭାବ ଉଦ୍ରେକକାରୀ- ନମସ୍କାର କଲାବେଳେ ଯେବେ ମନରେ ଭାବନା ଆସେ, 'ମୁଁ କିଛି ବି ଜାଣେନି, ତୁମେ ସର୍ବଜ୍ଞାତା, ସବୁ କାର୍ଯ୍ୟର କର୍ତ୍ତା ଓ କାରଣ, ମୋତେ ତୁମ ପଦ୍ମପାଦରେ ସ୍ଥାନ ମିଳୁ, ଏସବୁ ଭାବ ଆମକୁ ପୂର୍ଣ୍ଣ ସମର୍ପଣ ଓ କୃତଜ୍ଞ ହେବାକୁ ପ୍ରବର୍ତ୍ତାଏ ।

*ସତ୍ୱ ଗୁଣର ଆହରଣ ଦ୍ୱାରା ଆଧ୍ୟାତ୍ମିକ ଉନ୍ନତି -

(୧) ସମ୍ମାନ ଜଣାଇବାର ବିଭିନ୍ନ ମୁଦ୍ରା ମଧ୍ୟରେ, ସର୍ବାଧିକ ସତ୍ୱଗୁଣ ଆହରଣକାରୀ ମୁଦ୍ରା ହେଉଛି ହିନ୍ଦୁ ଧର୍ମ ସ୍ୱୀକୃତ ନମସ୍କାର ମୁଦ୍ରା ।

(୨) ଭଗବାନ ଅଥବା ସାଧୁସନ୍ଥଙ୍କୁ ପ୍ରଣାମ କରିବା ଦ୍ୱାରା ଆମେ ସେମାନଙ୍କଠାରୁ ଆସୁଥିବା ସୂକ୍ଷ୍ମ ତରଙ୍ଗ ସଂସ୍ପର୍ଶରେ ଆସୁ, ଯେପରିକି ଆଶୀର୍ବାଦ ।

(୩) ପ୍ରଣାମ ସମୟରେ ପ୍ରାପ୍ତ ଶକ୍ତି ତରଙ୍ଗ ଆମ ଆଧ୍ୟାତ୍ମିକ ଅନୁସନ୍ଧିତ୍ସାକୁ ଗତି ଦିଏ ।

ଆଜିକାଲି ପରସ୍ପରକୁ ସ୍ୱାଗତ ସମ୍ଭାଷଣ ଜଣାଇବା ପାଇଁ କରମର୍ଦ୍ଦନ କରିବା ବେଶୀ ପ୍ରଚଳିତ । ମୂଖ୍ୟତଃ ପଶ୍ଚିମ ସଭ୍ୟତାରେ, ଏହାକୁ ସାଧାରଣ ସୌଜନ୍ୟ ଏବଂ ଉଷ୍ମ ଅଭିବାଦନ ଭାବେ ବିବେଚନା କରାଯାଏ । କିନ୍ତୁ, ଏବେବି ଅଧିକାଂଶ ହିନ୍ଦୁ ପରସ୍ପରକୁ ନମସ୍କାର ଜଣାଇ ସ୍ୱାଗତ ଅଭିବାଦନ କରନ୍ତି । ଏବେ ଏଠାରେ ଆଲୋଚନା କରାଯାଇପାରେ, ନମସ୍କାର କରିବା କରମର୍ଦ୍ଦନ କରିବା ଅପେକ୍ଷା ଲାଭପ୍ରଦ କାହିଁକି ।

*ନମସ୍କାର କରିବାର ଆଧ୍ୟାତ୍ମିକ ଉପାଦେୟତା*

ପୂଜାସ୍ଥଳକୁ ଯିବାବେଳେ ଏବଂ ଭଗବାନଙ୍କ ଦର୍ଶନ କରିବା ସମୟରେ ଅଥବା କୌଣସି ବୟସ୍କ ବା ପୂଜନୀୟ ବ୍ୟକ୍ତିଙ୍କୁ ସାକ୍ଷାତ କରିବା ସମୟରେ, ହିନ୍ଦୁ ମାନଙ୍କ ହାତ ସ୍ୱତଃ ପ୍ରବୃତ୍ତ ନମସ୍କାର ମୁଦ୍ରାରେ ଯୋଡ଼ି ହୋଇଯାଏ । ହିନ୍ଦୁ ପରମ୍ପରା ଅନୁସାରେ ନମସ୍କାର ସତ୍ୱଗୁଣବାହକ ସର୍ବୋତ୍କୃଷ୍ଟ ମୁଦ୍ରା । ଭକ୍ତି, ଶ୍ରଦ୍ଧା, ପ୍ରେମ, ସମ୍ମାନ ଓ ନମ୍ରତା ଭଳି ସ୍ୱର୍ଗୀୟ ଏବଂ ଦିବ୍ୟଗୁଣକୁ ଦର୍ଶାଉଥିବା ଏକ ସରଳ ଓ ସୁନ୍ଦର ଅଭିବ୍ୟକ୍ତି । ଏସବୁ

ଗୁଣ ବ୍ୟକ୍ତିକୁ ଈଶ୍ୱରୀୟ ଶକ୍ତିରେ ସମୃଦ୍ଧ କରେ । ନମସ୍କାର ଭଳି ଏକ ସୁନ୍ଦର ଧାର୍ମିକ କୃତ ପଛର ଆଧ୍ୟାତ୍ମିକ ବିଜ୍ଞାନ ଜାଣିପାରିଲେ ଧାର୍ମିକ ପରମ୍ପରା ପ୍ରତି ଆମର ବିଶ୍ୱାସ ଆହୁରି ମଜବୁତ ହେବ ।

ତେବେ କରମର୍ଦ୍ଦନ କରିବା ପଛର ଆଧ୍ୟାତ୍ମିକ ଦୃଷ୍ଟିରେ କେଉଁ ପ୍ରକାର ଅପକାରିତା ରହିଛି ବିଗ୍ଚର କରାଯାଇ ପାରେ । ଆଜିକାଲି, ହିନ୍ଦୁଧର୍ମର ପରମ୍ପରା ପଛରେ ଥିବା ଆଧ୍ୟାତ୍ମିକ ବିଜ୍ଞାନ ନ ଜାଣିଥିବା ଯୋଗୁଁ ହେଉ ଅଥବା ପଶ୍ଚିମ ସଭ୍ୟତାର ପ୍ରଭାବ ଯୋଗୁଁ ହେଉ, ଲୋକମାନେ ସାଧାରଣତଃ କରମର୍ଦ୍ଦନ ପୂର୍ବକ ପରସ୍ପରକୁ ଅଭିବାଦନ ଜଣାଉଛନ୍ତି । କରମର୍ଦ୍ଦନ କରିବା ସମୟରେ ଜଣଙ୍କଠାରେ ଥିବା ରଜ-ତମ ଗୁଣ ଅନ୍ୟ ଜଣଙ୍କ ପାଖକୁ ପରିବାହିତ ହୋଇଥାଏ, ଯାହାକି ଅନ୍ୟ ବ୍ୟକ୍ତିଟିର ସାତ୍ତ୍ୱିକ ସୂଚୀତା କମ୍ କରିଥାଏ । ଏତଦ୍‌ଭିନ୍ନ, ଯଦି ଦୁହିଁଙ୍କ ମଧ୍ୟରୁ କେହି ଜଣେ କୌଣସି ନକାରାତ୍ମକ ବା ଉଦାସୀ ଉର୍ଜାର ବାହକ ହୋଇଥାଏ, କରମର୍ଦ୍ଦନ ସମୟରେ ସେହି ଉର୍ଜା ଦ୍ୱିତୀୟ ବ୍ୟକ୍ତି ପାଖକୁ ପରିବାହିତ ହୋଇଥାଏ । ହିନ୍ଦୁ ଜୀବନଧାରଣ ପଦ୍ଧତି ଓ ପରମ୍ପରାଗତ ଧାର୍ମିକ ଚଳଣିରେ, ନମସ୍କାର ପୂର୍ବକ ସମ୍ଭାଷଣ ଜଣାଇବା ଭଳି ନିୟମ ଗୁଡିକ ଆଧ୍ୟାତ୍ମିକ ସୂଚୀତା ବଢ଼ାଏ ।

ଅପିତୁ ଖୁବ୍ କମ୍ ଲୋକ ଏଭଳି ପରମ୍ପରା ଓ ଚଳଣିର ଆଧ୍ୟାତ୍ମିକ ମହତ୍ତ୍ୱ ଅନୁଭବ କରିପାରନ୍ତି । ସେମାନେ ଯଦିଓ ହାତଯୋଡ଼ି ନମସ୍କାର କରନ୍ତି, ଏହା କେବଳ ମାତ୍ର ବ୍ୟବହାରିକତା ହିଁ ହୋଇଥାଏ । ଯେହେତୁ ସେହି କ୍ରିୟାର ଆଧାର ବିଶ୍ୱାସ ଭିତ୍ତିରେ ହୋଇନଥାଏ । ତାହାର ଫଳ ଓ ଉପାଦେୟତା ମଧ୍ୟ କମ୍ ହିଁ ମିଳେ । ହିନ୍ଦୁ ଧର୍ମ ଶିକ୍ଷାଦିଏ ଯେ, ପ୍ରତ୍ୟେକ ଧାର୍ମିକ କୃତ୍ୟ ଆଧ୍ୟାତ୍ମିକ ବିଜ୍ଞାନ ଅନୁସାରେ ବିଶ୍ୱାସର ସହିତ ପାଳନ କରାଗଲେ ତାହାର ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଲାଭ ମିଳି ପାରିବ ।


ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହତ୍ୟ ଇ-ପତ୍ରକା
www.aahwaan.com

# ପୁସ୍ତକ ସମୀକ୍ଷା : ଋତୁସ୍ରାବ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନାରୀ ଜୀବନରେ ହେଉଥିବା ଅହରହ ପରବର୍ତ୍ତନ ମଧ୍ୟରୁ ସର୍ବଶ୍ରେଷ୍ଠ ଶାରୀରକ ପରବର୍ତ୍ତନ ହେଉଛି ମାସିକ ଋତୁସ୍ରାବ । ନାରୀକୁ ମାତୃତ୍ୱ ପ୍ରଦାନ ହେତୁ ଏହ ମାସିକ ଧର୍ମର ପ୍ରଭାବ ନାରୀ ଶରୀର ଉପରେ ମାତ୍ର ତନଦଶନ୍ଧି ଧର ରହେ କନ୍ତୁ ଏହା ଦ୍ୱାରା ଶରୀରରେ ହେଉଥିବା ଅନେକ ପରବର୍ତ୍ତନକୁ ଅନେକେ ସହଜରେ ବୁଝିପାରନ୍ତ ନାହିଁ, କମ୍ବା ମାସିକ ଋତୁସ୍ରାବର ବୈଜ୍ଞାନକ ଦୃଷ୍ଟିକୋଣକୁ ବୁଝିବା ପାଇଁ ଉପାୟ ପାଆନ୍ତ ନାହିଁ । ଆମର ରକ୍ଷଣଶୀଳ ସମାଜରେ ମାସିକ ଋତୁସ୍ରାବ ବଷୟରେ କାହା ସହ ବଷଦ ଭାବରେ ଚର୍ଚ୍ଚା କରବା ଭଳ ସାମର୍ଥ୍ୟ କୌଣସି ନାରୀକୁ ହୁଏତ ମିଳନପାରେ । କନ୍ତୁ ନାରୀ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ହେଉଥିବା ଏହ ଶାରୀରକ ଓ ମାନସିକ ପରବର୍ତ୍ତନ ବଷୟରେ ଓଡ଼ିଆରେ ଏବଂ ସ୍ଥଳ ବଶେଷରେ ଇଂରାଜୀ ଭାଷାର ପ୍ରୟୋଗ କରାଯାଇ ଏକ ସରଳ ପୁସ୍ତିକା ଉପସ୍ଥାପନ








ଡା ଜଗଦୀଶ ଚନ୍ଦ୍ର ବେହେରା ଓ ଡା ସୌମ୍ୟ ରଞ୍ଜନ ମିଶ୍ର

କରିଛନ୍ତି ଯୁବ ଡାକ୍ତର ଶ୍ରୀ ସୌମ୍ୟରଞ୍ଜନ ମିଶ୍ର ଏବଂ ଡାକ୍ତର ଶ୍ରୀ ଜଗଦୀଶ ଚନ୍ଦ୍ର ବେହେରା ।

'ସୃଷ୍ଟିପାଇଁ ବାରମ୍ବାର ରକ୍ତ ନିଗାଡୁଥିବା ନାରୀତ୍ୱକୁ ସମର୍ପିତ' ବୋଲି ଉତ୍ସର୍ଗୀକୃତ ଏହି ପୁସ୍ତିକା ବାସ୍ତବିକ ଏକ ବହୁମୂଲ୍ୟ ଉପାଦେୟ ପୁସ୍ତିକା ଏଥିରେ ଦ୍ୱିମତ ନାହିଁ । ପୁସ୍ତିକାରେ ଲେଖକଦ୍ୱୟ ଋତୁସ୍ରାବ ଏବଂ ଏହା ସହ ଜଡ଼ିତ ଥିବା ଅନେକ ଅସୁବିଧା ବିଷୟରେ ଚର୍ଚ୍ଚା କରିଛନ୍ତି, କାରଣ ଏହି ସବୁ ଚର୍ଚ୍ଚା ଆମ ସମାଜରେ ହୁଏନାହିଁ । ଆମ ସମାଜରେ ଋତୁସ୍ରାବ ବିଷୟରେ ସଦ୍ୟଯୌବନାପ୍ରାପ୍ତା କନ୍ୟାମାନଙ୍କୁ କୌଣସି ସୂଚନା ଦିଆଯାଇ ନଥାଏ । ଏଥିପାଇଁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଅଧିକାଂଶ କ୍ଷେତ୍ରରେ ଏପରି ଅଣବୈଜ୍ଞାନିକ ସୂଚନାମାନ ସେମାନେ ନିଜ ବାନ୍ଧବୀ, ମାଆ କିମ୍ବା ପରିବାରର ବରିଷ୍ଠ ସଦସ୍ୟାମାନଙ୍କ ଠାରୁ ହିଁ ପାଇଥାନ୍ତି । ଯାହା ଅଧିକାଂଶ ସମୟରେ ଭ୍ରମାତ୍ମକ ହୋଇଥାଏ ।

ଏହି ପୁସ୍ତିକରେ ଋତୁସ୍ରାବ ସମ୍ବଳିତ ଅନେକ କଥା ଯେପରିକି ଋତୁସ୍ରାବ କାହିଁକି ହୁଏ, ଋତୁସ୍ରାବ ସମୟରେ ହେଉଥିବା ଶାରୀରିକ ଏବଂ ମାନସିକ ପରିବର୍ତ୍ତନ ଓ ଅସୁବିଧା, ଏହି ସମୟରେ ପରିଛନ୍ନତା ଇତ୍ୟାଦି ବିଷୟରେ ଲେଖା ଯାଇଛି । ଏହା ବ୍ୟତୀତ ଋତୁସ୍ରାବକୁ ନେଇ ଆମ ସମାଜରେ ପ୍ରଚଳିତ ଅନେକ ଅନ୍ଧବିଶ୍ୱାସ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରିବାର ପ୍ରୟାସ କରାଯାଇଛି ।

ଏହି ପୁସ୍ତିକା ବିଷୟରେ ନିଜସ୍ୱ ମତାମତ ଦେଇଛନ୍ତି ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ଡା ଉମେଶ୍ ଚନ୍ଦ୍ର ପଣ୍ଡା । ତାଙ୍କର ଭାଷାରେ :

ମାତୃଭାଷାରେ ଏପରି ଏକ ତଥ୍ୟ ସମ୍ବଳିତ ପୁସ୍ତକ ରଚନା କରିଥିବାରୁ ଡା ସୌମ୍ୟରଞ୍ଜନ ଏବଂ ଡା ଜଗଦୀଶଙ୍କୁ ଆନ୍ତରିକ ଶୁଭେଚ୍ଛା । ଅତ୍ୟନ୍ତ ସରଳ ଏବଂ ପ୍ରାଞ୍ଜଳ ଭାବରେ ସେ ନାରୀ ଶରୀରରେ ସମୟାନୁକ୍ରମିକ ପରିବର୍ତ୍ତନ ଏବଂ ତାର ସରଳ ଉପଚାର ବାବଦରେ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି ତାହା ଅବର୍ଣ୍ଣନୀୟ । ଏହା ଯେ ଅଧିକରୁ ଅଧିକ ପାଠକୀୟ ସ୍ୱୀକୃତି ଲାଭ କରିବ କହିବା ବାହୁଲ୍ୟ ମାତ୍ର ।

ତାଙ୍କର ସାରସ୍ୱତ ସାଧନା ଉତ୍ତରପୀଢ଼ିପାଇଁ ପ୍ରେରଣାଦାୟୀ ହେଉ ଏହାହିଁ କାମନା ।

ପୁସ୍ତିକାରେ ନଅ ଗୋଟି ବିଷୟରେ ବିଭାଜିତ ହୋଇ ଋତୁସ୍ରାବ ବିଷୟରେ ସମସ୍ତ ବିବରଣୀ ଦିଆଯାଇଛି, ଯାହା ଜଣେ ସାଧାରଣ ସ୍ତ୍ରୀ ଲୋକପାଇଁ ଅନେକ ଜ୍ଞାନର ଖୋରାକ ଯୋଗାଇଦେବ । ସମୁଦାୟ ୪୦ ଗୋଟି ଜ୍ଞାନବର୍ଦ୍ଧକ ପୃଷ୍ଠାରେ ସମୃଦ୍ଧ ଏହି ପୁସ୍ତିକା ସଚିତ୍ର ସୂଚନା ଯୋଗାଇ ଦେଉଛି । ଏହି ପୁସ୍ତିକାର ପ୍ରଚ୍ଛଦ ଆଙ୍କିଛନ୍ତି ବରିଷ୍ଠ ଚିତ୍ରଶିଳ୍ପୀ ଗୋବିନ୍ଦ ନାରାୟଣ ଷଡ଼ଙ୍ଗୀ । ପୁସ୍ତିକାର ପ୍ରଥମ ପ୍ରକାଶନ ନଭେମ୍ବର ୨୦୧୫ରେ ହୋଇଛି ଏବଂ ଏହାର ପ୍ରାପ୍ୟ ମୂଲ୍ୟ ରହିଛି ୫୦ ଟଙ୍କା ।

**ଯୋଗାଯୋଗ : ୯୮୫୩୧୧୭୭୨୦**



ଅନୁପମ୍ ବେହେରା

# ପ୍ରିୟା - ୨

ମୁଁ କ୍ଲାସ୍ ସାର କ୍ୟାଣ୍ଟିନ୍ ଆଡ଼େ ମୁହାଁଇଥାଏ । ଶିଡ଼ିରେ ଓହ୍ଲାଇ ଲବିରେ ପହଞ୍ଚିଲାବେଳକୁ ତା ସାଥେ ଦେଖାହେଇଗଲା ସାମ୍ନାସାମ୍ନି ।

- ହାଏ !
- ହାଏ !
- କୁଆଡ଼େ ଯାଉଛୁ ?
- କ୍ୟାଣ୍ଟିନ୍... ଆଉ ତୁ ?
- ମୁଁ ବି ଯାଉଛି କ୍ୟାଣ୍ଟିନ୍ ।
- ଗୁଡ୍ । ଚାଲ୍ ଆଜି ତୁ ଖାଇବାକୁ ଦେବୁ ।
- କଉ ଖୁସିରେ ବେ..
- ତୋ ବାହାଘର ଠିକ୍ ହୋଇଯିବା ଖୁସିରେ ।
- ଆବେ.. ମୋ ବୟସ ହେଇନି ।
- ଦେଶ ସମ୍ଭାଳିବା ବୟସ ହେଲାଣି ମାତ୍ର ଘର ଗୋଟେ ସମ୍ଭାଳିବା ବୟସ ହେଇନି ।
- ମାନେ ? ?
- ମାନେ ହେଉଛି... ଭୋଟ୍ ଦେବା ବୟସ ୧୮ ଆଉ ବାହାଘର ବୟସ ୨୧ । ସମ୍ଝି...
- ଝାଃ ! କି ଡାଇଲଗ୍ ମାରିଲୁ ବେ । ଏଇ ଖୁସିରେ ଚାଲ୍ ଯିବା କ୍ୟାଣ୍ଟିନ୍ । ଆଜି ମୋ ତରଫରୁ ଟିଫିନ୍
- ଚାଲ୍ ଚାଲ୍ ଜଲ୍ଦି ଚାଲ୍ ।

ଆମେ ଦୁହେଁ ମାଡ଼ି ଚାଲିଲୁ କ୍ୟାଣ୍ଟିନ୍ ଆଡ଼େ । ମୁଁ ଯାଇ

ବସିପଡ଼ିଲି ଖାଲି ଥିବା ଚେୟାର୍ ଉପରେ ଓ ପାଖ ଚେୟାରରେ ବ୍ୟାଗଟାକୁ ରଖିଦେଲି । ସେ ବସିଲା ମୋ ସାମ୍ନାରେ ।

- ଯାଉନୁ ଆଣିବୁ ।
- ତୁ ଖାଇବାକୁ ଦେବୁ ମାନେ ତୁ ଆଣିବୁ ନା ।
- ବେ... ତତେ ସାଧାରଣ ଭଦ୍ରାମି ବ ଜଣାନାହିଁ । ଗର୍ଲଫ୍ରେଣ୍ଡ ସାଥେ କେମିତ ବ୍ୟବହାର କରନ୍ତ ?
- ହାଃ.. ହାଃ... । ମୁଁ ତୋର ବ.ଏଫ୍. ନୁହେଁ । ଯା... ଚୁପ୍‌ଗୁପ୍ ଆଣ୍ । ବକର ବକର ହେଇକ ଦମାଗ୍ କ ଦହ ମତ୍ ବନା ।
- ହଁ । ଯାଉଛ । ତୁ ଏତେ ହନ୍ଦୀ ଗ୍ରେବାନ ମୋ ଆଗରେ ।

ଏତକ କହ ସେ ଗ୍ଲଲଗଲା କ୍ୟାଣ୍ଟିନ୍ କାଉଣ୍ଟର୍‌କୁ ।

- କଣ ଖାଇବୁ ତୁ ?
- ଯାହା ଇଚ୍ଛା ହଉଛ ଆଣ୍ । ମୋର ସବୁ ଚଳବ ।

ସେ ଦୁଇଟି ପ୍ଲେଟ୍‌ରେ ୨ଟା ଲେଖାଏଁ ସିଙ୍ଗଡ଼ା ଓ ଆଳୁଚପ୍ ନେଇ ଧିରେ ଧିରେ ଆସେ କାଳେ ତରକାରୀ ତଳେ ଢାଳହେଇଯିବ ବୋଲି ।

- ଧିରେ ଧିରେ ଗ୍ଲ୍ ଗୋରୀ ଧିରେ ଧିରେ ଗ୍ଲ୍, ହାତରେ ଧରଥିବା ତୋ ପ୍ଲେଟ୍‌କୁ ସମ୍ଭାଳ୍ ।
- ଏ ରସିକଆ ଇଞ୍ଜିନୟର୍, ଗୀତ ବନ୍ଦ କର ଚୁପ୍‌ଗୁପ୍ ଖା ।
- କୁଲ୍... କୁଲ୍...
- ହଟ୍ ଅଛ ବେ ସିଙ୍ଗଡ଼ା । ଦେଖିକ...

ଦୁହେଁ ସିଙ୍ଗଡ଼ାକୁ ଭଙ୍ଗି ଫୁଙ୍କି ଫୁଙ୍କି ଖାଇବା ଆରମ୍ଭ କଲୁ ।

- କାଲି ମୋତେ କଣ ଗିଫ୍ଟ ଦେବୁ ?
- "ଶଃ ! ତମ ଝିଅମାନଙ୍କୁ ମାନବାକୁ ପଡିବ । ୧୦ ଟଙ୍କାର ଜଳଖିଆ ଖୁଆଇକ ଭାବଛୁ ଭଲ ଦାମୀ ଗିଫ୍ଟଟେ ମୋ ଠୁ ମାରବୁ ବୋଲି । ନେ ତୋ ଆଳୁଚପ୍ । ମୋର ଦରକାର ନାହିଁ ।" ମୁଁ ମିଛ ରାଗ ଦେଖେଇ କହଲି ।
- ବେ.. ରଜନୀକାନ୍ତ ! ଥାଉ ତୋ ଡାଇଲଗ୍ ବାଜ । କାଲି ଭାଲେଣ୍ଟାଇନ୍ ଡେ ଅଛ ନା । ତ ତୁ ମୋତେ କଣ ଦବୁ କହ ।
- ଭାଲେଣ୍ଟାଇନ୍ ଡେ ରେ ଗର୍ଲ୍‌ଫ୍ରେଣ୍ଡକୁ ଦଅନ୍ତ । ତତେ ମୁଁ ଫ୍ରେଣ୍ଡଶିପ୍ ଡେ ରେ ଦେଇଦେବ । ତୋ ବୟ୍ ଫ୍ରେଣ୍ଡ୍ କୁଆଡ଼େ ଗଲା କ ? ତାକୁ କହୁନୁ ସେ ତତେ ଦବ  ମତେ କାହିଁକ ବକରା ବନଉଛୁ ।
- ଯାଃ ବେ... ମୋର କେହ ବୟ୍ ଫ୍ରେଣ୍ଡ୍ ନାହାନ୍ତ ।
- ସଚ୍ଚି !
- ମୁଚ୍ଚି !
- ମୋତେ ଟିକେ ଆଗରୁ କହଲୁନ । ହଉ ଲାଲ୍ ଗୋଲାପଟେ ଦେଲେ ଚଳବ କ ?
- ପିଲା ଖରାପ ଭାବବେ ।

- ହଉ ! ତାହେଲେ ଆଇସ୍ କ୍ରିମ୍ ।
- ବେ ! ମୁର୍ଖ । ତୁ କଲେଜରେ ପହଞ୍ଚିଲା ବେଳକୁ ତରଳଯାଇଥିବ । ମୁଁ କଣ କାଠି ଖାଇବି ?
- ମୁଁ କପ୍ ଆଣିବି । ତରଳିଲେ ବି ସେଇଥିରେ ରହିବ ।
- ଫାଲ୍ତୁ କଥା ବନ୍ଦ କର୍ । କଣ ଦେବୁ କହ । ନହେଲେ ମୁଁ ଗଲିଲି ।
- ତାହେଲେ ଶସ୍ତା ସୁନ୍ଦର୍ ମଜବୁତ୍ ।
- କଣ
- ଚକୋଲେଟ୍
- ୱାଓ ! ତୁ କେମିତି ଜାଣିଲୁ । ଚକଲେଟ୍ ମୋର ଫେବରିଇଟ୍ ।
- ସେଥିରେ ଜାଣିବା କଣ ଦରକାର୍ । ଚକଲେଟ୍, ଗୁପ୍‌ଚୁପ୍, ଗ୍ରିଟ୍, ଆଇସ୍ କ୍ରିମ୍ ତ ସବୁ ଝିଅଙ୍କ ପସନ୍ଦ୍ । (ଏ କଥା ଭାବି ମନେ ମନେ ହସିଲି )
- ବେ... ହସିଲୁ କାହିଁକି ?
- ନା ସେ କିଛି ନୁହେଁ । ଗଲ୍ ଯିବା କ୍ଲାସ୍ ଅଛି ।
- ଡେଲି ତ କ୍ଲାସ୍ କରୁଛୁ । ଗଲ୍ ଆଜି ବଙ୍କ୍ ମାରିବା ।
- ବଙ୍କ୍ ମାରିକି କଣ କରିବା ।
- ଗଲ୍ ଡିପ୍ଲୋମା ଆଡ଼େ ଯାଇ ବୁଲିବା, ଗପିବା ।
- ହଉ ଗଲ୍ ।

ଦୁହେଁ ଗଲୁ ଡିପ୍ଲୋମା ଆଡ଼େ । ଡିଗ୍ରୀ ଓ ଡିପ୍ଲୋମା ବିଲ୍ଡିଙ୍ଗ୍ ମଝିରେ ଥାଏ ଶାଗୁଆନ୍ ଜଙ୍ଗଲ୍ । ସେଇ ଜଙ୍ଗଲ ମଝିରେ ଥାଏ ପାଦଚଲା ରାସ୍ତାଟିଏ । ରାସ୍ତା ସାଇଡ଼ରେ ପଡ଼ିଥାଏ ବଡ଼ ବଡ଼ ପୋଲ୍ । ତା ଉପରେ ବସିପଡ଼ିଲୁ ଦୁହେଁ । ସେ ତା ଗପ ଆରମ୍ଭ କରିଦେଲା । ଅସରନ୍ତି ଗପ । ସେ ଗପର ଆରମ୍ଭ ନ ଥିଲା ନା ଥିଲା ଶେଷ । ମୁଁ କେବଳ ଖାଲି "ହୁଁ" ମାରି ଚାଲିଥିଲି ଆଉ ତାକୁ ଦେଖୁଥିଲି ।

ଜାଣେନା କାହିଁକି, କିନ୍ତୁ ତାକୁ ଯେତେ ଦେଖିଲେ ବି ମୋ ଆଖି, ମନ, ଆତ୍ମା ଶାନ୍ତ ହୁଏନା । ଆହୁରି ଦେଖିବାକୁ ଇଚ୍ଛା ହୁଏ ।

- ଗଲ୍ ବେ ଯିବା । ଆଉ ଟିକେ ପରେ ବସ୍ ଛାଡ଼ିବ ।

ତେବେ ମୋ ଠୁ କିଛି ଉତ୍ତର ନ ପାଇଲାପରେ ସେ ପୁଣିଥରେ କଥାଟାକୁ ଦୋହରାଇ ଉଠି ଠିଆ ହେଲା । ତେବେ ଏଥର ମୁଁ ତା କଥାକୁ ଶୁଣି ପାରିଲି । ମୁଁ ଉଠି ଠିଆ ହେଲି ।

- କଣ ଭାବୁଥିଲୁ ?
- କିଛି ନାହିଁ ମ । ଏମିତି ଜଷ୍ଟ ।
- ଓଃ ! କାଲି ଭାଲେଣ୍ଟାଇନ୍ ଡେ ଅଛି । ଗର୍ଲ୍‌ଫ୍ରେଣ୍ଡ କଥା ମନେ ପଡୁଛି ତ ?
- ମୋର କେହି ଗର୍ଲ୍‌ଫ୍ରେଣ୍ଡ ନାହାନ୍ତି । ମୁଁ ବି ଏତେ ମିଶେନା ଝିଅମାନଙ୍କ ସାଥେ । (ତେବେ ଏଇ

କଥାଟିକୁ ମୁଁ ଟିକେ ଗମ୍ଭୀର ହୋଇ କହିଥିଲି ଓ ସେ ମୋ କଥା ଶୁଣିଲା ପରେ କିଛି ନ କହି ଚାଲିବାକୁ ଆରମ୍ଭ କଲା ।

- ମିଳିଯିବ ତତେ । ବ୍ୟସ୍ତ ହ ନା ।
- ଯଦି ତୁ ଚାହିଁବୁ ମୋ ଗର୍ଲଫ୍ରେଣ୍ଡ ହେଇପାରିବୁ । ମୋର କିଛି ଆପତ୍ତି ନାହିଁ ।

ସେ ବୁଲିପଡ଼ି ଚାହିଁଲା ମୋତେ । ତା ଚାହାଣୀରୁ ସ୍ପଷ୍ଟ ବାରିହେଇ ପଡୁଥିଲା "ନା" । କିନ୍ତୁ କିଛି କହିଲାନି ସେ । ଚୁପଚାପ୍ ଚାଲିଗଲା ସେଠାରୁ । ମୋର ବି ସାହାସ ହେଲାନି ତା ହାତକୁ ଧରି ଜବରଦସ୍ତି ନିଜର କରିବାକୁ । ମୁଁ ଧିରେ ଧିରେ ଅଗ୍ରସର ହେଲି ବସ୍ ଷ୍ଟପ୍ ଆଡ଼େ ।

୨୮ ନଂ ବସ୍‌ରେ ଚଢ଼ି ସିଧା ଚାଲିଲି ପଛ ସିଟ୍‌କୁ । ଆଶିଷ୍ ମୋ ପାଇଁ ଜାଗା ରଖିଥିଲା ।

- "କୁଆଡ଼େ ଯାଇଥିଲୁ ବେ ? ଶଃ… ତୋ ଫୋନ୍ ଲାଗୁ ନ ଥିଲା କାହିଁକି ?" କେଶବ ପଚାରିଲା ତା ଖଣ୍ଡି ଖଣ୍ଡି ଓଡ଼ିଆରେ ।
- "ମୋତେ ସାଇଡ୍ ସିଟ୍‌ଟା ଛାଡ୍ ।" ମୁଁ ଆଶିଷକୁ କହିଲି ।
- "ତୁ ତ ସବୁଦିନ ସାଇଡ୍ ସିଟ୍‌ରେ ବସୁଛୁ । ଆଜି ମୋତେ ଟିକେ ବସିବାକୁ ଦେ ।" ଆଶିଷ୍ ଫାଜିଲାମି କରି କହିଲା ।
- "ଛାଡ଼ିବୁ ଯଦି ଛାଡ୍ । ନ ହେଲେ ମୁଁ ଠିଆ ହେଇକି ଯିବି ।" ମୁଁ ଟିକେ ବିରକ୍ତ ହୋଇ କହିଲି ।
- "ଆଶିଷ୍ ଅନୁପମକୁ ଛାଡୁନୁ ବେ ।" କେଶବ କହିଲା ।

ଆଶିଷ ସାଇଡ଼ ହେଇଗଲା । ମୁଁ ଚୁପଚାପ୍ ସିଟ୍‌ରେ ବସିଲି ଓ ଝରକା ଆଡ଼କୁ ମୁହଁ ବୁଲେଇ ବସିଲି ।

କେତେବେଳେ ଆସି ଆମ ଷ୍ଟପ୍ ପାଖରେ ପହଞ୍ଚିଗଲା ଜାଣିନି ।

- ଅନୁପମ୍ ! ଆଜି ଓହ୍ଲେଇବୁନି କି ବେ ?

ଆଶିଷର ଡାକରେ ମୁଁ ଫେରିଲି ସେଇ ଅଜଣା ମୁଲକରୁ । ବସରୁ ଓହ୍ଲେଇ ସିଧା ଆସି ରୁମ୍‌ରେ ଶୋଇଗଲି ।

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହତ୍ୟ ଇ-ପତ୍ରିକା
www.aahwaan.com

# ସ୍ୱାର୍ଥପର ମଣଷ



କ୍ଷେତ୍ରବାସୀ ଜେନା

ସ୍ୱାର୍ଥପର ଏ କଳଯୁଗ ମଣିଷ
ମରନାହିଁ ଏଠି ଦ୍ୱାପର ରାବଣ, ଆଉ କେତେ ରାକ୍ଷସ ।

ମଣିଷ ଆଜ ମଣିଷର ଶତ୍ରୁ, କରେ କେତେ ହଟହଟା,
କାଉ ଖାଏ ଯଦ ପଣଷ ଏଠି, ବଗ ମୁଣ୍ଡରେ ଅଠା ।

ଦବା ପ୍ରାରମ୍ଭରୁ କଛ ନ ଭାବଇ, ନଜ ସ୍ୱାର୍ଥରେ ସେ ବଶ,
ଟଙ୍କା, ସୁନା ଆଉ ସମ୍ପତ୍ତି, ଲୋଭ ତ କରଛ ଗ୍ରାସ ।

ଧିକ ଧିକ ତୋର ମଣିଷ ଜନମ, ନାହିଁ ମୁହେଁ ତୋ ଲାଜ,
ପାପ ଶରୀରକୁ ଧର ତୁ ରଖିଛୁ, ହର ନାମ ତୁ ନ ଭଜ ।

କୂଟକପଟରେ ମାତଯାଉ ଏଠି, ପର ପାଇଁ ଖୋଳୁ ଗାତ
ରଖେ ହର ଯଦ ମାରେ କଏ ପର ଜ୍ଞାନ ତୋ ହୋଇନ ଜାତ ।

ଭାବୁନାହିଁ ଦନେ ଦୁଃଖକର ମନେ, କ କର୍ମ ତୁ କରୁଛୁ
ଲୋଭ, ମୋହ, ମାୟା ସଂସାର ଭତରେ ନଜକୁ ତୁ ହଜାଉଛୁ ।

ଭାବ ଭାବ ତୁମ ପୂର୍ବପୁରୁଷକୁ, ଛାଡ଼ି ଯାଇଛନ୍ତ କର୍ତ୍ତୀ,
ଟଙ୍କା, ସୂନା ସବୁ କ୍ଷଣସ୍ଥାୟୀ ଆରେ, ଯଶ ତାଙ୍କ ଅମର ରହଛ ।

ସାତଜନ୍ମପରେ ମଣିଷଜନ୍ମ ପାଇଲୁ ମହମଣ୍ଡଳେ
ମଣିଷ ଜନ୍ମ ହେଲା ତୋର ହୀନ, ପ୍ରାଣ ତ ଯିବ ଅକାଳେ ।

ପାପର ଭାର ବଢ଼ି ବଢ଼ିଯାଏ, ପୁଣ୍ୟ ତ ହେଉଛ ଊଣା
ମଲା ପରେ ଆରେ ଛୁଇଁବେନ ତୋତେ କ ଚଲ୍ଲ, କ ଶାଗୁଣା ।

ରହ ରହ ଆରେ ହଂସ୍ରୁକ ମଣିଷ ସୁଧୁରଜା ଆରେ ଧନ
ମଲା ,ମଲା ବୋଲ ହୁରୀ ପଡ଼ିଯିବ, ଆଜ ମଲେ କାଲ କ ଦ ଦନ ।

ଯାଜପୁର, ଓଡ଼ିଶା
ମୋବାଇଲ୍ : ୯୯୩୭୧୭୭୩୭୨



ରଞ୍ଜନ କୁମାର ସ୍ୱାଇଁ

# ସାଇଡ୍ ଇଫେକ୍ଟ ଡଟ୍ ମୋବ

ଆବାଳ ବୃଦ୍ଧ ବନତା
ମୋବାଇଲ୍ ତାଙ୍କ ବଧାତା,
କାମଦାମ ସବୁ ଭୁଲ
ଫୋନପାଇଁ ତତ୍ପରତା ।

ସମୟ ଅମୂଲ ଧନ
ବତଯାଏ ଘନ ଘନ,
ଆଖିଲୁହ ତୋର କେହ ପୋଛବେନ
ଆଗୁଁ ହୁଅ ସାବଧାନ ।

ଆଖିକୁ ନଥାଇ ନଦ
ହଲୁନାହିଁ ଗୋଡ଼ହାତ,
ରୋଗପୀଡ଼ାକୁ ତୁ ଡାକର୍ ଦେଉଛୁ
ବଢ଼ାଉଛୁ ଖାଲ ମେଦ ।

ଫୋଓନ ଚପାରେ ବଜ
ସପନ ଗଇଜେ ହଜ,
କାହା ସହ ପଦେ କଥା ହେଉନାହୁଁ
ବଞ୍ଚିଛୁ ତୁ ଯନ୍ତ୍ର ସାଜ ।

ନ ଥାଉ ସେ ଦାନା କନା
ଫୋନ କଣୁ ଘନା ଘନା,
ମୋବାଇଲ୍ ନଶା ଘାରି ଯାଉଅଛି
ପକେଟକୁ ଥରେ ଅନା ।

ସବୁଥିରେ ଅଛି ସୀମା
ଟପିବୁନି ତାକୁ ଜମା,
ଉପଯୋଗିତାର ଫାଇଦା ନେଇନେ
ଭାଗ୍ୟକୁ ନ ଦେଇ ଜମା ।

ଆଜମାବାଦ, ବାଲେଶ୍ୱର, ଓଡ଼ିଶା
ଫୋନ୍ : ୭୮୯୦୩୩୬୬୧୫

# ଆଧୁନିକ ପୀରତ



ପ୍ରଶାନ୍ତ କୁମାର ନାଥ

ଆଧୁନିକ ପୀରତ, ତା'ର କ୍ଷୀପ୍ର ଗତ
ପୀରତ ସିନା ବଢ଼େ ବହୁତ
ହେଲେ ଶହେରେ ଏକ ପ୍ରେମିକ
ଅସମ୍ଭବ ଏଠି ସାଜିବା ପ୍ରେମିକ ପତ ।

ଆଧୁନିକ ପୀରତ ଭାରି କରାମତ
ପୀରତ ନିଶାରେ ଏମିତ ବୁଡ଼ନ୍ତି
ବିବାହ ପୂର୍ବରୁ ପ୍ରେମିକ ପ୍ରେମିକା
ପାଳନ୍ତି ସେ ଏଠି ବାସର ରାତ ।

ଆଧୁନିକ ପୀରତ ତା ଅଜବ ରୀତ
ମହୁମାଛି ପରି ହୁଅନ୍ତି ହଳ ହଳ
ପାର୍କ ସିନେମାରେ ଯାଉଥାଏ ବେଳ
ଅଧର୍ମ କର୍ମରେ ଥାଆନ୍ତି ମାତ ।

ଆଧୁନକ ପୀରତ ତା ବାଉଳା ଗତ

ସମୟ ସେମିତ ରହଥାଏ ସିନା

ହେଲେ ପ୍ରେମିକ ପ୍ରେମିକା ପର୍

ନତ ବଦଳାଉଥାନ୍ତ ତାଙ୍କର ସାଥୀ ।

ଆଧୁନକ ପୀରତ ଅମାନଆ ତାତ

ହୃଦୟରେ ତାଙ୍କ ଏମିତକା ପ୍ରେମ

ପ୍ରେମ ଗପ ନ କର ସିଏ ଜମା

ଖୋଜୁଥାନ୍ତ ଖାଲ ଅନ୍ଧାର ଗତ ।

ସୁନ୍ଦରପୁର, ଉତ୍ତରକୂଳ ହାଟ,

ପ୍ରୀତପୁର, ଯାଜପୁର

ଫୋନ୍ : ୮୮୯୨୩୦୧୧୪୩



ପ୍ରଶାନ୍ତ କୁମାର ନାଥ

# ସତରେ କଣ ମୋତେ ଭଲ ପାଉଛ ?

ଫୋନ ଲଗାଇଲେ ଜମାରୁ ଲାଗୁନ
ସବୁବେଳେ ବଜ ରହୁଛ,
ପେଡ଼ିକ ମନ ମୋ ଭରୀ ସନ୍ଦେହ
ସତ କହଦଅ ମୋତେ ତୁମେ ପ୍ରିୟା
କାହା ସହ କଥା ହଉଛ ।୧ ।
ଯଦବା କେବେ ଫୋନ୍ ଲାଗୁଛ
ପଦେ ଦୁଇପଦ କଥା ହୋଇସାର
କହୁଛ ଏବେ ମୁଁ ରଖୁଛ,
ଆଉ ଥରେ ପୁଣି ଫୋନ ଲଗେଇଲେ
ବ୍ୟସ୍ତ ଅଛ ବୋଲ କହୁଛ ।
ହ୍ୱାଟସ୍ଆପରେ ଖାତା ଯେ ଖୋଲଛ
ଦନଟେ ଗୃଟିଂ କରୁନ କଆଁ,
ସବୁବେଳେ କନ୍ତୁ ଅନ୍ଲାଇନ୍ ରୁହ
ପଗ୍ଚରଲ କୁହ ବାପାଭଇ ମେସେଜ୍ କରନ୍ତ
କାହିଁକ ମୋତେ ସନ୍ଦେହ କରୁଛ ।
କାହା ବାଇକ୍ ପଛରେ ବସି ବୁଲୁଛ,
ପଗ୍ଚରଲେ ତୁମେ ହସି ହସି ପୁଣି
ଧରମ ଭଉ ବୋଲ କହୁଛ,
ସତକଥା ତୁମେ ଖୋଲ କହଦଅ
କେତେ ଜଣଙ୍କୁ ତୁମେ ଭଲ ପାଉଛ ।

ସୁନ୍ଦରପୂର, ଉତ୍ତରକୂଳ ହାଟ,
ପ୍ରୀତପୁର, ଯାଜପୁର
ଫୋନ୍ : ୮୮୯୨୩୦୧୧୪୩



ବାଲ୍ମୀକି ନାୟକ

# ମିଡ଼ବ୍ରେନ୍ ଆକ୍ଟିଭେସନ୍ ଏକ ଗୋରଖଧନ୍ଦା

ପୃଥିବୀର ପ୍ରତ୍ୟେକ ଦେଶର ପ୍ରତ୍ୟେକ ସମାଜରେ ଅନେକ ପ୍ରକାର ବଦ୍ଧମୂଳ ଧାରଣା ଭରି ରହିଛି । ପ୍ରକୃତି ଓ ଜୀବନ ସଂପର୍କରେ ଅଜ୍ଞାନ ବ୍ୟକ୍ତିମାନେ ବିଭିନ୍ନ ଭୁଲ ଧାରଣା ସୃଷ୍ଟି କରିଥିଲେ । କାଳକ୍ରମେ ମଣିଷ ବୁଦ୍ଧିର ବିକାଶ ଏବଂ ବିଜ୍ଞାନର ପ୍ରଗତି ଯୋଗୁଁ ଅନେକ ଭୁଲଧାରଣା ସମାପ୍ତ ହୋଇ ନୂତନ ଚିନ୍ତନ ଜାଗ୍ରତ ହୋଇଛି । ସତ ଲାଗୁଥିବା ବିଶ୍ୱାସ ଗୁଡ଼ିକ ଅନ୍ଧବିଶ୍ୱାସ ବା ଭିତ୍ତିହୀନ ବିଶ୍ୱାସରେ ପରିଣତ ହୋଇଛି । ଆଧୁନିକ ଯୁଗରେ ଭୂତପ୍ରେତ, ଡାହାଣୀ ଆଦିର ସ୍ଥିତିକୁ ବୈଜ୍ଞାନିକମାନେ ଗବେଷଣା କରି ମିଥ୍ୟା ବୋଲି ପ୍ରମାଣିତ କରିସାରିଲେଣି । ରାସ୍ତାରେ ବିରାଡ଼ିଟିଏ ରାସ୍ତାକାଟି ଗ୍ଲେଲଗଲେ, ଆଜି ଅନେକ ବ୍ୟକ୍ତି ଅଶୁଭ ହେବାର ସମ୍ଭାବନାକୁ ଅସ୍ୱୀକାର କଲେଣି । ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଏକ ଖଗୋଳୀୟ ଘଟଣା ଏବଂ ଏହା ରାହୁ ଓ କେତୁଙ୍କ ଯୋଗୁଁ ହୁଏ ନାହିଁ ବୋଲି ସ୍କୁଲରୁ ପିଲାମାନେ ବି ବୁଝିଗଲେଣି । ଜ୍ୟୋତିଷମାନଙ୍କ ଦ୍ୱାରା ଗଣନା କରି କୁହାଯାଇଥିବା ଭବିଷ୍ୟବାଣୀ ଅନେକ କ୍ଷେତ୍ରରେ ଭୁଲ ପ୍ରମାଣିତ ହୋଇଛି । ୧୯୭୫ ମସିହାର ସେପ୍ଟେମ୍ବର-ଅକ୍ଟୋବର ମାସରେ ଚିକାଗୋ ସହରରେ

୧୮୬ ଜଣ ବୈଜ୍ଞାନିକଙ୍କ ମଧ୍ୟରେ ଭାରତର ଡ: ଏସ୍, ଚନ୍ଦ୍ରଶେଖର ଏବଂ ୧୮ ଜଣ ନୋବେଲ୍ ପୁରସ୍କାର ପାଇଥିବା ବିଶିଷ୍ଟ ବୈଜ୍ଞାନିକ ଘୋଷଣା କଲେ - ଫଳିତ ଜ୍ୟୋତିଷରେ କୌଣସି ବୈଜ୍ଞାନିକ ତତ୍ତ୍ୱ ନାହିଁ । ଏହି ଖବର ଆମେରିକାରୁ ପ୍ରକାଶିତ 'ଦି ହ୍ୟୁମାନିଷ୍ଟ' ପତ୍ରିକାରେ ପ୍ରକାଶ ପାଇଥିଲା ।

ବିଡ଼ମ୍ବନା ହେଉଛି, ଆଜି ବି ଅନ୍ଧବିଶ୍ୱାସକୁ ସୃଷ୍ଟି କରୁଥିବା ଲୋକମାନଙ୍କର ସଂଖ୍ୟା କମ ହେବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି । ବିଜ୍ଞାନ ଯୋଗୁଁ ଉଦ୍ଭାବନ ହୋଇଥିବା ଟିଭି, ରେଡ଼ିଓ, ମୋବାଇଲ୍ ଫୋନ୍, କମ୍ପ୍ୟୁଟର ଓ ଇଣ୍ଟରନେଟର ଦୂରୁପଯୋଗ କରାଯାଇ ନିତି ନୂଆ ନୂଆ ଅନ୍ଧବିଶ୍ୱାସର ପ୍ରସାର କରାଯାଉଛି । ଜାତକ ଗଣନା ଏବେ କମ୍ପ୍ୟୁଟର ଦ୍ୱାରା ହେଉଥିବାରୁ ଗ୍ରାହକମାନେ ଜ୍ୟୋତିଷ ବିଦ୍ୟାପ୍ରତି ଆଶକ୍ତ ହେଉଛନ୍ତି ଏବଂ ବିଶ୍ୱାସ ବଢ଼ିଯାଉଛି । ଗତ କିଛି ବର୍ଷ ହେବ ଆମ ଦେଶରେ ଆଉ ଏକ ଭ୍ରମଜାଲ ପ୍ରଭାବ ବିସ୍ତାର କରିବାରେ ଲାଗିଛି, ତାହା ହେଉଛି - 'ମିଡ଼ ବ୍ରେନ୍ ଆକ୍ଟିଭେସନ' ବା ସାଧାରଣ ଭାଷାରେ ଏହାର ଅର୍ଥ ହେଉଛି, 'ଷଷ୍ଠ ଇନ୍ଦ୍ରିୟକୁ ସକ୍ରିୟ କରିବା' ।

### ମିଡ଼ବ୍ରେନ୍ ଆକ୍ଟିଭେସନ କଣ ?

ମିଡ଼ବ୍ରେନ୍ ଆକ୍ଟିଭେସନ୍ କୋଚିଙ୍ଗ୍ ସେଣ୍ଟର ଚଳାଉଥିବା ମାଲିକମାନଙ୍କର ଦାବୀ ହେଉଛି - ଯେ କୌଣସି ପାଞ୍ଚରୁ ପନ୍ଦର ବର୍ଷ ବୟସ୍କ ପିଲାମାନଙ୍କର ମିଡ଼ବ୍ରେନ୍ ଆକ୍ଟିଭେଟ୍ କରିଦେଇ ହେବ । ଏଥିପାଇଁ ପିଲାଙ୍କୁ ଏକରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଟ୍ରେନିଂ ଦିଆଯାଏ । ଏହି ଟ୍ରେନିଂ ସମୟରେ ପିଲାଙ୍କ ପିତାମାତା କମ୍ବା ଅଭିଭାବକ ମାନଙ୍କୁ ସାଙ୍ଗରେ ରହିବାକୁ ଅନୁମତି ଦିଆଯାଏ ନାହିଁ । ଏହି ଟ୍ରେନିଂମ୍ ପାଇବା ପରେ ପିଲାମାନେ ଆଖିରେ ପଟି ବାନ୍ଧି ଲେଖାପଢ଼ା କରିପାରିବେ, ଯେ କୌଣସି ରଙ୍ଗ ଚିହ୍ନି ପାରିବେ । ଏହି ଟ୍ରେନିଂ ସମୟରେ ବ୍ରେନ୍ ଏକ୍ସେର୍‌ସାଇଜ୍, ବ୍ରେନ୍ ଜିମ୍, ମେଡ଼ିଟେସନ୍ ଏବଂ ବିଶେଷ ଭାବରେ ପ୍ରସ୍ତୁତ ସ୍ପିରିଚୁଆଲ୍ ମ୍ୟୁଜିକ ଉପରେ ଡ୍ୟାନସ୍ ବି କରାଯାଏ । ଭାରତୀୟ ଯୋଗ ଏବଂ ଜାପାନୀ ଟେକନିକର ମିଳିତ ପ୍ରକ୍ରିୟା ଦ୍ୱାରା ପିଲାଙ୍କ ଇନ୍ଦ୍ରିୟମାନଙ୍କୁ ସମ୍ବେଦନଶୀଳ କରି ଦିଆଯାଏ ବୋଲି ସେମାନେ ଦାବୀ କରନ୍ତି ।

ମିଡ଼ ବ୍ରେନ୍ ଆକ୍ଟିଭେସନର ଐତିହାସିକ ତଥ୍ୟ ହେଉଛି - ଏହା ପ୍ରଥମେ ଜାପାନରେ ଆରମ୍ଭ ହୋଇଥିଲା । ଜାପାନର 'ମାକାଟୋ ସିଂଚେଡ଼ା' ନାମକ ଜଣେ ବ୍ୟକ୍ତି ଏହି ବିଦ୍ୟାର ଜନକ ବୋଲି କୁହାଯାଉଛି । ଜାପାନର ଏହି ବିଦ୍ୟା କିନ୍ତୁ ବର୍ତ୍ତମାନ ଭାରତରେ ବହୁ ପ୍ରଚଳିତ ଅନ୍ଧବିଶ୍ୱାସ ଭିନ୍ନ ନୁହେଁ । ଏହା ଏକ ଟ୍ରିକ୍ ବା କୌଶଳ ମାତ୍ର । ମଣିଷ ଆଖିରେ କଳାପଟି ବାନ୍ଧି ନାକ ଦୁଇପାଖରେ ରହିଯାଉଥିବା ଖୋଲା ବାଟରେ ଆଖିଦ୍ୱାରା ଦେଖିବା ଅଭ୍ୟାସ କରାଯାଏ । ଏହାକୁ 'ସିଂଚେଡ଼ା ମ୍ୟାଥଡ଼' ବୋଲି କୁହାଯାଏ । ଜାପାନରେ ପିଲାର ଷଷ୍ଠ

ଇନ୍ଦ୍ରିୟ ସକ୍ରିୟ ହୋଇଯାଉଛି ବୋଲି କୁହାଯାଏ ନାହିଁ । ଏହା ବିଜ୍ଞାନ ସମ୍ମତ ଏକାଗ୍ରତା ବୃଦ୍ଧି କରିବାଭଳି ଏକ ଉପାୟ ବୋଲି କୁହାଯାଏ । ଜାପାନରେ ଏହି ବିଦ୍ୟାକୁ ନେଇ ବିବାଦ ସୃଷ୍ଟି ହୋଇଛି ତେଣୁ ଏହାର ବିସ୍ତାର ହୋଇପାରିନାହିଁ । ବିଶ୍ୱର ଅନେକ ଦେଶରେ ଏହିପ୍ରକାର ଶିକ୍ଷାପାଇଁ ସରକାରୀ ଅନୁମତି ଦିଆଯାଇନାହିଁ ।

ଭାରତରେ କିନ୍ତୁ ସବୁ ସମ୍ଭବ । କାରଣ ୮୩% ଭାରତୀୟ ନିଜର ଧର୍ମୀୟ ମତ ବ୍ୟକ୍ତ କରିବା ଏବଂ ପ୍ରଚାର କରିବାପାଇଁ ସ୍ୱାଧୀନ । ଏହି ତଥ୍ୟ ଆମେରିକା ସ୍ଥିତ 'ପିଉ ରିସର୍ଚ୍ଚ ସେଣ୍ଟର' ଦ୍ୱାରା ଏକ ସର୍ବେକ୍ଷଣ ରିପୋର୍ଟରେ ପ୍ରକାଶ ପାଇଛି । ସେହି ମତ ଗୁଡ଼ିକ ଯେତେ କୁସଂସ୍କାରଯୁକ୍ତ ହୋଇଥାଉ କିମ୍ବା ଅଣବୈଜ୍ଞାନିକ ପଦ୍ଧତି ହୋଇଥାଉ, କେହି ପ୍ରତିବାଦ କରିପାରିବେ ନାହିଁ । ବାକି ରହିଯାଉଥିବା ୧୭% ଭାରତୀୟ ମାନଙ୍କ ଭିତରେ ମୁକ୍ତଚିନ୍ତନ, ବୁଦ୍ଧିବାଦୀ ଓ ହେତୁବାଦୀ ମାନଙ୍କୁ ନିଜର ମତ ବ୍ୟକ୍ତ କରିବା ପାଇଁ ବାରଣ କରାଯାଉଛି ।

ଧାର୍ମିକ ଗୋଷ୍ଠୀ ତର୍କ କରନ୍ତି - ଆମେ ଯାହା ଠିକ୍ ଭାବି ବିଶ୍ୱାସ କରୁଛୁ, ତାହାକୁ ଭୁଲ ପ୍ରମାଣିତ କରି ଅନ୍ଧବିଶ୍ୱାସ ବୋଲି କହିବା ଦ୍ୱାରା ଆମର ଧାର୍ମିକ ଭାବନାକୁ ଆଘାତ ପହଞ୍ଚୁଛି । ଆମେ ଏହାକୁ ବରଦାସ୍ତ କରିପାରିବୁ ନାହିଁ । ଏହି କାରଣରୁ ପିଲାଙ୍କର ଷଷ୍ଠ ଇନ୍ଦ୍ରିୟ ସକ୍ରିୟ କରିଦେବା ଆଳରେ ଧର୍ମଭୀରୁ, ଉଚ୍ଚମହତ୍ତ୍ୱାକାଂକ୍ଷୀ ଓ ଧନୀ ଲୋକମାନଙ୍କ ଠାରୁ ୨୫ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୋଚିଂ ଫି ଆଦାୟ କରାଯାଉଛି । ଏହିଭଳି କୋଚିଂ ସେଣ୍ଟର ବଡ଼ ସହରରୁ ସାନ ସାନ ସହର ମାନଙ୍କୁ ମଧ୍ୟ ବ୍ୟାପିଲାଣି । କୋଚିଂର ନାଁ, 'ମିଡ଼ ବ୍ରେନ୍ ଆକ୍ଟିଭେସନ୍ ୱାର୍କସପ୍' ବା 'ଥାର୍ଡ୍ ଆଇ ଏକ୍ଟିଭେସନ୍' କିମ୍ବା 'ଷଷ୍ଠ ଇନ୍ଦ୍ରିୟ ସକ୍ରିୟ କେନ୍ଦ୍ର' ଆଦି ଦେଖିବାକୁ ମିଳୁଛି ।

ଗଣ ମାଧ୍ୟମରେ ଏହାର ପ୍ରଚୁର ପ୍ରସାର ଦେଖି ମହାରାଷ୍ଟ୍ରରେ ଗଠିତ 'ଅଖିଳ ଭାରତୀୟ ଅନ୍ଧଶ୍ରଦ୍ଧା ନିର୍ମୂଳନ ସମିତି'ର ବୁଦ୍ଧିଜୀବିମାନେ ଏହି ରହସ୍ୟର ପର୍ଦାଫାସ କରିବାକୁ ଚାହିଁଲେ । କୋଚିଂ ସେଣ୍ଟରର ଆୟୋଜକମାନଙ୍କ ସହ ନାଗପୁରଠାରେ ଗୋଟିଏ ପ୍ରେସ କନଫେରେନ୍ସର ଆୟୋଜନ କରାଯାଇଥିଲା । ଟ୍ରେନିଂ ନେଇଥିବା କୌଣସି ପିଲା ଆଖିରେ କଳାପଟି ବାନ୍ଧି ସମିତି ସଭ୍ୟ ମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନର ସଠିକ ଉତ୍ତର ଦେଇପାରିଲେ, ସମିତି ତରଫରୁ ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦେବାକୁ ଘୋଷଣା କରାଯାଇଥିଲା । ମଜା କଥା ହେଲା, ସେ ଦିନେ କୌଣସି ପିଲା ସଫଳ ହୋଇପାରିଲେ ନାହିଁ । କୋଚିଂ ଦେଉଥିବା ଆୟୋଜକମାନେ ଗଣମାଧ୍ୟମର ପ୍ରଶ୍ନକୁ ସମ୍ମୁଖୀନ ହେବା ଛାଡ଼ିଦେଇ ମୁହଁ ଲୁଚାଇ ପଳାଇଗଲେ ।

ମାଙ୍ଗାଲୋର ନିବାସୀ ଡ: ନରେନ୍ଦ୍ର ନାୟକ ଜଣେ ବୈଜ୍ଞାନିକ ଏବଂ ହେତୁବାଦୀ । ସେ ବର୍ତ୍ତମାନ 'ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ରେସନାଲିଷ୍ଟ

ଏସୋସିଏସନ୍'ର ସଭାପତି ଅଛନ୍ତି । ସେ ଦେଶ ଓ ବିଦେଶର ଅନେକ ଚମତ୍କାରୀ ବାବାମାନଙ୍କର ପର୍ଦ୍ଦାଫାଶ କରି ଲୋକମାନଙ୍କୁ ସଚେତନ କରୁଛନ୍ତି । ଡ: ନାୟକ ଏହି ବିଦ୍ୟାର ଅସଲ ରହସ୍ୟ କ'ଣ, ବିଭିନ୍ନ ଗଣମାଧ୍ୟମରେ ପ୍ରଦର୍ଶନ କରି ପ୍ରମାଣିତ କରି ସାରିଛନ୍ତି । ଯେ କେହି ଇଣ୍ଟରନେଟରେ ୟୁଟ୍ୟୁବ୍‌ରେ 'ମିଡ଼ବ୍ରେନ୍ ଆକ୍ଟିଭେସନ୍ ଏକ୍ସପୋଜ୍‌ଡ଼' ନାମକ ଭିଡ଼ିଓ ଖୋଲି ଦେଖିପାରନ୍ତି ।

ମେରଠର ରଞ୍ଜନା ଅଗ୍ରୱାଲ ଜଣେ ଜଣାଶୁଣା ମିଡ଼ବ୍ରେନ୍ ଆକ୍ଟିଭିଷ୍ଟ । ମାନବ ଅଧିକାର ମନ୍ତ୍ରାଳୟ ତାଙ୍କୁ ଏଇଥିପାଇଁ ଏକ ପ୍ରମାଣ ପତ୍ର ମଧ୍ୟ ଦେଇଛନ୍ତି । ରଞ୍ଜନାଙ୍କୁ ଟ୍ରେନିଂ ଦେଇଥିବା ସ୍ମୃତି ଫାଉଣ୍ଡେସନର ମାଲିକ ରାଜୀବ ଆହୁଜାଙ୍କୁ ଡ: ନରେନ୍ଦ୍ର ନାୟକ ଯୋଗାଯୋଗ କରି ଚ୍ୟାଲେଞ୍ଜ କଲେ, 'ଯଦି ତାଙ୍କ ଦ୍ୱାରା ଟ୍ରେନିଂ ନେଇଥିବା ରଞ୍ଜନା ଅଗ୍ରୱାଲ୍ ମୋ ଦ୍ୱାରା ପ୍ରସ୍ତୁତ ଆଖିର ପଟିବାନ୍ଧି ଲେଖି, ପଢ଼ିପାରିବେ, ଏବଂ ରଙ୍ଗ ଚିହ୍ନିପାରିବେ, ତେବେ ତାଙ୍କୁ ପାଞ୍ଚଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ।' ରାଜୀବ ଆହୁଜା ପ୍ରଥମେ ଦୃଢ଼ତାର ସହିତ ଚ୍ୟାଲେଞ୍ଜ ସ୍ୱୀକାର କରିଥିଲେ । ସ୍ଥାନ ଓ ସମୟ ନିର୍ଦ୍ଧାରିତ ହୋଇଥିଲା କିନ୍ତୁ ଠିକ୍ ସମୟରେ ସେ ଆସିଲେ ନାହିଁ । ଗଣମାଧ୍ୟମକୁ ଜଣେଇଦେଲେ - ମୁଁ ବର୍ତ୍ତମାନ ସେ କୋଚିଂ ସେଣ୍ଟର ବନ୍ଦ କରିଦେଲିଣି ।

ଡ: ନରେନ୍ଦ୍ର ନାୟକ ଆପତ୍ତି କରି କହନ୍ତି - ସେମାନେ ପିଲାମାନଙ୍କୁ ମିଛ କହିବାପାଇଁ ଟ୍ରେନିଂ ଦେଉଛନ୍ତି ଏବଂ ପ୍ରେରିତ କରୁଛନ୍ତି । ଏହି ବାହାନାରେ କୋଟି କୋଟି ଟଙ୍କା ରୋଜଗାରର ଏକ ଗୋରଖଧନ୍ଦା ଚାଲିଛି । ଏହା ମାନବତା ଏବଂ ସମାଜ ପାଇଁ କ୍ଷତିକାରକ ।

ବାଙ୍ଗାଲୋର, ଫୋନ୍ - ୦୯୪୮୨୦୧୬୨୬୦



ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

# ଅବଶ୍ୱସନୀୟ ଓଡ଼ିଶା

୧. ଓଡ଼ିଶାର ଇତହାସ ପ୍ରାଗଐତହାସିକ ଯୁଗରୁ ମଧ ପୁରୁଣା । ମୟୁରଭଞ୍ଜ ଜଲ୍ଲାରେ ମିଳଥିବା କଛି ପ୍ରସ୍ତର ଜୀବାଶ୍ମ ୩ ନୟୁତ କୋଟି ବର୍ଷ ତଳର ବୋଲ ପ୍ରମାଣିତ ହୋଇଛି । ( ଆମ ଗ୍ରହର ବୟସ ସାଢ଼େ ଚାର କୋଟି ବୋଲ କୁହାଯାଏ)

୨. ବଖ୍ୟାତ ସମ୍ରାଟ ଚନ୍ଦ୍ରଗୁପ୍ତମୌର୍ଯ୍ୟ ତତ୍କାଳୀନ କଳଙ୍ଗ ଉପରେ ଆକ୍ରମଣ କରବାର ସାହାସ କରପାର ନଥିଲେ । କୁହାଯାଏ କଳଙ୍ଗ ସେନାକୁ ପରାସ୍ତ କରବା ଭଳ କ୍ଷମତା କୌଣସି ସେନାବାହନୀରେ ନଥିଲା ।

୩. ଓଡ଼ିଶାରେ ପାଖାପାଖି ୬୨ ପ୍ରକାରର ଆଦବାସୀ ଜନଜାତ ବସବାସ କରନ୍ତି, ଏବଂ ପ୍ରତ୍ୟେକ ଜନଜାତର ରୀତନୀତ ଅଲଗା ଅଲଗା ଅଟେ ।

୪. ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରୋଷଘରେ ଗୋଟିଏ ଉପରେ ଗୋଟିଏ କର ସାତଗୋଟି ମାଟି କୁଡୁଆରେ ଚାଉଳ ଏବଂ ପନପରବା ରଖି ରୋଷେଇ କରବା ସତ୍ତ୍ୱେ ପ୍ରତ୍ୟେକ କୁଡୁଆରେ ସମାନ ପରମାଣର ରୋଷେଇ ହୋଇଥାଏ ।

୫. ଶ୍ରୀ ଜଗନ୍ନାଥ ମନ୍ଦିର ହନୁମାନଙ୍କର ଚାରଧାମ ମଧ୍ୟରୁ

ଅନ୍ୟତମ ।

୬. ଶ୍ରୀ ମନ୍ଦିରର ରୋଷେଇ ଘରେ ଛଅଶହରୁ ଅଧିକ ରୋଷକାର ମାନେ ୨୦୦ରୁ ଉର୍ଦ୍ଧ୍ୱ ଚୁଲୀରେ ରୋଷେଇ କରନ୍ତି ଯାହା ଦୈନିକ ଦଶ ହଜାରରୁ ଲକ୍ଷାଧିକ ଭକ୍ତଙ୍କୁ ଯୋଗାଇ ଦିଆଯାଏ ।

୭. ଶ୍ରୀ ମନ୍ଦିରରେ ହେଉଥିବା ରୋଷେଇର ସ୍ୱାଦ ବର୍ଷ ତମାମ ଏକ ପ୍ରକାର ହିଁ ରହେ । ଏବଂ କିଛି ହଜାରରୁ ଆରମ୍ଭ କରି କେତେ ଲକ୍ଷ ଭକ୍ତ ଆସିଲେ ସୁଦ୍ଧା ସମସ୍ତଙ୍କୁ ପ୍ରସାଦ ମିଳେ ଏବଂ ପ୍ରସାଦ କେବେ ନଷ୍ଟ ହୁଏନାହିଁ ।

୮. ଓଡ଼ିଶା ହେଉଛି ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ।

୯. ଭାରତରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ଅନ୍ୟରାଜ୍ୟକୁ କର୍ମନିଯୁକ୍ତି ପାଇଁ ଯାଉଥିବା ଦାଦନ ଶ୍ରମିକମାନଙ୍କ ପଞ୍ଜିକରଣ ଆରମ୍ଭ ହୋଇଥିଲା ।

୧୦. କେନ୍ଦ୍ର ସରକାର ଲୋକାଯୁକ୍ତ ବିଲ୍ ପାସ କରିବାପରେ, ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଥିଲା ଯେଉଁଠି ଏହାକୁ ଲାଗୁ କରାଯାଇଥିଲା ।

୧୧. ବିଶ୍ୱପ୍ରସିଦ୍ଧ ରସଗୋଲା ଓଡ଼ିଶାରୁ ଉତ୍ପତ୍ତି ହୋଇଥିଲା । ଶ୍ରୀମନ୍ଦିରରେ ବାହୁଡ଼ାଯାତ୍ରା ପରେ ଏହାକୁ ପୂଜା କରାଯିବାର ପରମ୍ପରା ସାତ ଶତାବ୍ଦୀରୁ ଅଧିକ ସମୟ ଧରି ରହିଛି ।

୧୨. ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ସମୁଦ୍ର ବେଳାଭୂମି ସମୁଦ୍ର ଜୁଆରର ଉତ୍‌ଥାନ ଓ ପତନ ସମୟରେ ଅନ୍ୟୁନ ପାଞ୍ଚ କିଲୋମିଟର ଦୂରକୁ ଚାଲିଯାଏ । ଯାହା ଫଳରେ ଏହା ଏକ ବିସ୍ତୀର୍ଣ୍ଣ ଖୋଲାପଡ଼ିଆ ପରି ଦେଖାଯାଏ ।

୧୩. ମଧ୍ୟଯୁଗରେ ଓଡ଼ିଶାର ବର୍ତ୍ତମାନର ରାଜଧାନୀ ଭୁବନେଶ୍ୱରକୁ ମନ୍ଦିରମାଳିନୀ ସହର ବୋଲି କୁହାଯାଉଥିଲା, ଏଠାରେ ଛଅ ଶହରୁ ଅଧିକ ମନ୍ଦିର ଥିବାର ପ୍ରମାଣ ମିଳିଛି ।

୧୪. ପୃଥିବୀର ଉଚ୍ଚତମ ବୈଦ୍ୟୁତିକ ରେଳପୋଲ (ଦ୍ୱିତଳବିଶିଷ୍ଟ ମାଲବାହି ଟ୍ରେନ ପାଇଁ ୭.୪୫ ମିଟର ଉଚ୍ଚରେ ନିର୍ମିତ) ଓଡ଼ିଶାର ଜଖପୁର-ଦୈତାରୀ ଅଞ୍ଚଳରେ ରହିଛି । ଏହାପଛକୁ ରହିଛି ଚୀନ (୬.୬ ମିଟର) ଏବଂ ଆମେରିକା (୭.୧ ମିଟର) ।

୧୫. ସିଂହଳ ଦ୍ୱୀପ ବା ବର୍ତ୍ତମାନର ଶ୍ରୀଲଙ୍କାର ଲୋକମାନଙ୍କୁ ରାଜା ଜୟସିଂଙ୍କ ନାମାନୁସାରେ ନାମିତ କରାଯାଏ, ରାଜା ଜୟ ସିଂ ଜଣେ ଓଡ଼ିଆ ରାଜା ଥିଲେ ।

୧୬. ବିଶ୍ୱର ସର୍ବଦୀର୍ଘ ବଉଳା କୁମ୍ଭୀର ଓଡ଼ିଶାରେ ମିଳିଥିଲି ଏହାର ଦୈର୍ଘ୍ୟ ୨୩ ଫୁଟ୍ ଥିଲା ।

୧୭. ଏସିଆ ମହାଦ୍ୱୀପର ସର୍ବବୃହତ ଲୁଣିପାଣି ହ୍ରଦ ଓଡ଼ିଶାରେ ରହିଛି । ଚିଲିକା ହ୍ରଦର ଆୟତନ ୯୧୬ ବର୍ଗ କିଲୋମିଟର । ଏହା ଧିରେ ଧିରେ ସଙ୍କୋଚିତ ହେବାରେ ଲାଗିଛି ।

୧୮. ଅଷ୍ଟ୍ରେଲିଆରୁ ଆସୁଥିବା ସାମୁଦ୍ରିକ ଅଲିଭ୍ ରିଡ଼ଲେ କଇଁଛମାନେ ଓଡ଼ିଶାର ତିନୋଟି ସ୍ଥାନରେ ଗଣ ଅଣ୍ଡାଦାନ କରିଥାନ୍ତି । ଏହି ସବୁ ଅଞ୍ଚଳକୁ ଏସିଆର ବୃହତମ ଆର୍ଦ୍ରାଞ୍ଚଳର ଆଖ୍ୟା ଦିଆଯାଇ ରାମସର୍ ସାଇଟ୍ ବୋଲି ଘୋଷଣା କରାଯାଇଛି ।

୧୯. ବିଶ୍ୱର ଏକମାତ୍ର ଧଳାବାଘ ସଫାରୀ ଏବଂ ଭାରତର ବୃହତମ ସିଂହ ସଫାରୀ ଭୁବନେଶ୍ୱରସ୍ଥିତ ନନ୍ଦନ କାନନଠାରେ ରହିଛି । ଏଠାରେ ଧଳାବାଘ ଜନ୍ମ କରିବାର ସମସ୍ତ ବୈଜ୍ଞାନିକ ଗବେଷଣା କରାଯାଉଛି ।

୨୦. ବିଶ୍ୱର ଦୀର୍ଘତମ ମାଟିବନ୍ଧ, ଓଡ଼ିଶାର ହୀରାକୁଦ ବନ୍ଧ ବିଶ୍ୱର ଚତୁର୍ଥ ବିଶାଳ ନଦୀବନ୍ଧ ପରିଯୋଜନା ।

୨୧. ବିଶ୍ୱର ସର୍ବାଧିକ ସାମୁଦ୍ରିକ କଇଁଛ ଅଣ୍ଡାଦାନ ଦେବାପାଇଁ ଓଡ଼ିଶାର ଉପକୂଳରେ ଅବସ୍ଥିତ ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି ।

୨୨. ଭାରତର ସର୍ବାଧିକ ହେମାଟାଇଟ୍ ଖଣିଜ ପଦାର୍ଥ ଓଡ଼ିଶାରେ ମିଳେ ।

୨୩, ଭୁବନେଶ୍ୱରର ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟରେ ବିଶ୍ୱର ସବୁଠାରୁ ବଡ଼ ଅଣ୍ଡାକୁ ରଖାଯାଇଛି । ୧୩ ଇଞ୍ଚ୍ ଲମ୍ବା ଏବଂ ୯.୫ ଇଞ୍ଚ୍ ଚଉଡ଼ାର ଏହି ଅଣ୍ଡା ବିଶାଳକାୟ (Aepyornis maximus / ଉଡ଼ନ୍ତା ହାତୀ ପକ୍ଷୀ)ର ଅଣ୍ଡା, ଯାହା ୧୬୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବିଶ୍ୱର ଦେଖାଯାଉଥିଲି ।

୨୪. ଆମେରୀକୀୟ ରାଷ୍ଟ୍ରପତିଙ୍କ ପତ୍ନୀ ମିସେଲ୍ ଓବାମାଙ୍କ ଭାରତଗସ୍ତ ସମୟରେ ସେ ପିନ୍ଧିଥିବା ସମସ୍ତ ପୋଷାକ ଜଣେ ଓଡ଼ିଆ ଫେସନ୍ ଡିଜାଇନର୍ ତିଆରି କରିଥିଲେ ।

୨୫. ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ କୋଣାର୍କ ମନ୍ଦିରରେ ଚବିଶିଟି ଚକ୍ର ଲାଗିଛି, ଯାହା ଦିନର ଚବିଶି ଘଣ୍ଟାକୁ ଦର୍ଶାଉଛି । ଏହି ସବୁ ଚକ୍ର ଉପରେ ସୂର୍ଯ୍ୟର ଆଲୋକଦ୍ୱାରା ପଡୁଥିବା ଛାଇକୁ ଦେଖି ଜଣେ ସଠିକ ସମୟ କହିଦେଇ ପାରିବ ।

୨୬. ସମ୍ବଲପୁର ଜିଲ୍ଲାର ହୁମାଠାରେ ଥିବା ଶୈବପୀଠର ମନ୍ଦିର ଗୋଟିଏ ଦିଗକୁ ଢଳି ରହିଛି, ଏହା ବିଶ୍ୱର ଏକ ଅନନ୍ୟ ଆଶ୍ଚର୍ଯ୍ୟ ।

୨୭. ସମ୍ବଲପୁରୀ ଶାଢ଼ୀ ବର୍ତ୍ତମାନ ବିଶ୍ୱପ୍ରସିଦ୍ଧ । ଏହାର ଗ୍ରହିଦା ବହୁତ ଅଧିକ । ଅତୀତରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରା ଗାନ୍ଧୀ ଏହାକୁ ପିନ୍ଧିବା ପରେ ଏହାକୁ ଅନେକ ଲୋକ ପିନ୍ଧିବାର ଦେଖାଯାଇଥିଲା ।

୨୮. ଗୁନ୍ଦିପୁର ବେଳାଭୂମିଠାରୁ ଦକ୍ଷିଣରେ ଥିବା ହ୍ୱିଲର ଦ୍ୱୀପଠାରେ ଭାରତୀୟ ପ୍ରତିରକ୍ଷା ଗବେଷଣା କେନ୍ଦ୍ରର କ୍ଷେପଣାସ୍ତ୍ର ଘାଟି ରହିଛି, ଯେଉଁଠି ଆକାଶ, ଅଗ୍ନି, ପୃଥ୍ୱୀ ଆଦି ଅନେକ ଅସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି ।

୨୯. ଭୁବନେଶ୍ୱର ଉପକଣ୍ଠରେ ଥିବା ସାଞ୍ଚିସ୍ତୁପଠାରେ ଅତୀତରେ ଚଣ୍ଡାଶୋକ ଅସ୍ତ୍ରତ୍ୟାଗକରି ଧର୍ମାଶୋକରେ ପରିଣତ ହୋଇଥିଲା, ଏବଂ ଏହିଠାରୁ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ସମୁଦାୟ ଦକ୍ଷିଣପୂର୍ବ ଏସିଆରେ ହୋଇଥିଲା ବୋଲି ଇତିହାସ କହେ ।

୩୦. ପୌରଣିକ ତଥ୍ୟ ଅନୁଯାୟୀ ମହାଭାରତକୁ ଶ୍ରୀ ଗଣେଶ ଏହାକୁ ବର୍ତ୍ତମାନ ରାଉରକେଲା ନିକଟସ୍ଥ ବେଦବ୍ୟାସ ନାମକ ସ୍ଥାନରେ ବସି ରଚନା କରିଥିଲେ ।

୩୧. ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୧୯୫୪-୫୫ରେ ସ୍ଥାପିତ ହୋଇଥିଲା ଯାହା ଭାରତର ପ୍ରଥମ ବେସରକାରୀ ସାମଗ୍ରିକ ପ୍ଲାଣ୍ଟ ଥିଲା ।

୩୨. ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନେକ ଆଶ୍ଚର୍ଯ୍ୟଜନକ ପଦାର୍ଥ ରଖାଯାଇଛି, ସେମାନଙ୍କ ମଧ୍ୟରେ ଅନନ୍ୟ ହେଉଛି ଅଭିନବ ଗୀତ ଗୋବିନ୍ଦ ଯାହା ୧୪୯୬ ମସିହାରେ ବୋଲି କୁହାଯାଏ, କିନ୍ତୁ ଏଥିରେ ଲିଖିତ ତଥ୍ୟ ଦ୍ୱିତୀୟ ଶତାବ୍ଦୀର ବୋଲି ମଧ୍ୟ ଦାବୀ କରାଯାଏ ।

୩୩. ପୁରୀ ଶ୍ରୀମନ୍ଦିର ହେଉଛି ହିନ୍ଦୁମାନଙ୍କର ଏକମାତ୍ର ଧାମ ଯେଉଁଠାରେ ଶୈବ, ଶାକ୍ତ, ବୈଷ୍ଣବ ଏବଂ ସ୍ମାର୍ତ୍ତ ସମ୍ମତ ପୂଜା କରାଯାଏ ।

୩୪. ଗୁଜୁରାଟ ପରେ ଓଡ଼ିଶାର ଧାମରା ହେଉଛି ଭାରତର ସବୁଠାରୁ ଗଭୀର ବନ୍ଦର ।

ଉପରୋକ୍ତ ସମସ୍ତ ତଥ୍ୟ ଇଣ୍ଟରନେଟ୍, ଫେସବୁକ୍ ଏବଂ ହ୍ୱାଟସ୍ଆପରୁ ସଂଗୃହୀତ । ତଥ୍ୟର ସତ୍ୟାସତ୍ୟ ଉପରେ ଆମର କୌଣସି ବ୍ୟକ୍ତିଗତ ଦସ୍ତାବେଜ ନାହିଁ ।

ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା
www.aahwaan.com



ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର

# ମୋତେ ମରିବାକୁ ଦିଅ

*ମୋତେ ମରିବାକୁ ଦିଅ : ସ୍ୱର୍ଗରେ ୭୨ ଜଣ କୁମାରୀ ମୋ ପାଇଁ ଅପେକ୍ଷାରେ ଅଛନ୍ତି ।*

ପାକିସ୍ତାନରେ ଧରାପଡ଼ିଥିବା ଜଣେ ଆତ୍ମଘାତୀ ଆତଙ୍କବାଦୀର ବୟାନ ଅନୁଯାୟୀ ଯଦି ସେ ନିଜକୁ ବୋମା ବିସ୍ଫୋରଣରେ ଉଡ଼େଇ ଦିଏ ତେବେ ସ୍ୱର୍ଗରେ ତାକୁ ୭୨ ଜଣ କୁମାରୀଙ୍କ ସାହଚର୍ଯ୍ୟ ମିଳିବ ।

ଅବିଶ୍ୱାସ ହେଉଥିଲେ ସୁଦ୍ଧା ଅନେକ ଆତଙ୍କବାଦୀ ସଂଗଠନ ନିଜର ଆତ୍ମଘାତୀ ସଦସ୍ୟମାନଙ୍କୁ ଏହି ପ୍ରକାରର ଭରସା ଦେଇ ପଠାନ୍ତି । ଆଇଏସ୍ଆଇଏସ୍ ଭଳି ସଂଗଠନ, ଲସ୍କର-ଏ-ତୋଏବା, ତାଲିବାନ୍ ଆଦି ସମସ୍ତ ସଂଗଠନରେ ମୁଖିଆମାନେ ପବିତ୍ର କୋରାନରୁ ସୁକ୍ତି ଉଦ୍ଧାର କରି କୁହନ୍ତି ଯେ ଯେଉଁ ସଦସ୍ୟମାନେ ଜେହାଦ ପାଇଁ ନିଜ ପ୍ରାଣ ଦେଇପାରନ୍ତି କେବଳ ସେମାନଙ୍କୁ ହିଁ ସ୍ୱର୍ଗରେ ସ୍ଥାନ ମିଳେ ଏବଂ ସେମାନଙ୍କୁ ୭୨ଜଣ କୁମାରୀଙ୍କ ସାହଚର୍ଯ୍ୟ ମିଳେ ।

ଏକବିଂଶ ଶତାବ୍ଦୀରେ ଯେତେବେଳେ ବିଜ୍ଞାନ ଏତେ ଅଗ୍ରସର ହୋଇସାରିଲାଣି ଏହି ସମୟରେ ମଧ୍ୟ ଏହିପରି ଭ୍ରାନ୍ତ ଧାରଣାକୁ ମନରେ ଘର କରି ଅନେକ ପଥଭ୍ରଷ୍ଟ ଯୁବକ ଆତ୍ମଘାତୀ ଆତଙ୍କବାଦୀ ହୋଇପାରନ୍ତି ଭାବିଲେ ମନରେ ଭୟ ଜାତ ହୁଏ । ସେହି ଧରାପଡ଼ିଥିବା ଆତଙ୍କବାଦୀର ବୟାନ ଅନୁଯାୟୀ, ଯଦି ସେ ଆତ୍ମଘାତୀ ଆକ୍ରମଣ କରିବାକୁ ଯାଉଥିବା ସମୟରେ ସେଠାରେ ନିଜ

ପରିବାରର ସଦସ୍ୟମାନଙ୍କୁ ଦେଖେ, ତେବେ ମଧ୍ୟ ସେ ନିଜ ଲକ୍ଷ୍ୟରୁ ଚ୍ୟୁତ ହେବ ନାହିଁ, ଏବଂ ବିସ୍ଫୋରଣ କରିଦେବ ।

ତା' ଅନୁଯାୟୀ ଯେଉଁ ବ୍ୟକ୍ତି ଜେହାଦ ପନ୍ଥା ଅନୁସରଣ କରେ କେବଳ ସେହିଁ ସଚ୍ଚା ମୁସଲମାନ ହୋଇପାରେ ଅନ୍ୟଥା ନୁହଁ । ସେଥିପାଇଁ ସେହିପରି ବ୍ୟକ୍ତିଙ୍କୁ ସ୍ୱର୍ଗରେ ୭୨ ଜଣ କୁମାରୀ ମିଳିବା ସମ୍ଭାବନା ରହିଥିବା ହେତୁ ସେ ଏଠାରେ ଗୋଟିଏ ବିବାହ କରି ଦୁଃଖିତ ହେବାକୁ ଚାହେଁ ନାହିଁ ।

ସେହି ଆତ୍ମଘାତୀ ଆତଙ୍କବାଦୀ ସହ ସାକ୍ଷାତକାରର କିୟଦାଂଶ;

ପ୍ରଶ୍ନ - ତୁମେ ସମସ୍ତଙ୍କ ଠାରୁ ପ୍ରତିଶୋଧ ନେବାକୁ ଚାହଁ ?

ଉତ୍ତର - ହଁ, ମୁଁ ଯେତେ ପାରିବି ପ୍ରତିଶୋଧ ନେବି । ମୋ ଧର୍ମ ଆଉ ପନ୍ଥାକୁ ଆପଣାଇବାକୁ ପଛଉଥିବା ପ୍ରତ୍ୟେକ ବ୍ୟକ୍ତି ଓ ସମାଜକୁ ମୁଁ ଘୃଣା କରେ । ସେମାନଙ୍କୁ ନଷ୍ଟ କରିବାପାଇଁ ମୁଁ ନିଜକୁ ବୋମା ଲଗାଇ ଉଡ଼େଇ ଦେଇପାରେ ଆଉ ଏହି ସମୟରେ ଯଦି ସେଠାରେ ମୋ ପରିବାରର ଲୋକମାନେ ଥିବେ, ତଥାପି ମୁଁ ସେମାନଙ୍କୁ ଉଡ଼ାଇ ଦେଇପାରେ ।

ପ୍ରଶ୍ନ - ଆତ୍ମଘାତୀ ଆକ୍ରମଣରେ ନିରୀହ ଓ ଆମେରିକାକୁ ଘୃଣା କରୁଥିବା ମୁସଲମାନମାନେ ମଧ୍ୟ ତ ମରନ୍ତି ?

ଉତ୍ତର - ନା, ଯେଉଁମାନେ ଜେହାଦର ପନ୍ଥା ଅନୁସରଣ କରନ୍ତି ନାହିଁ, ସେମାନେ ନିରୀହ ନୁହନ୍ତି । ବୋମା ବିସ୍ଫୋରଣରେ ମରୁଥିବା ଲୋକମାନଙ୍କ ପାଇଁ ଆମର କୌଣସି ଅନୁଶୋଚନା ନାହିଁ, ଦୁଃଖନାହିଁ । ଆମକୁ ଆମ ମୁଖ୍ୟ ଯେଉଁ ଆଦେଶ ଦେବେ ଆମେ ତାହା ଅକ୍ଷରେ ଅକ୍ଷରେ ପାଳନ କରିବୁ । ଯଦି ସେମାନେ ଦୁଇଜଣଙ୍କୁ ମାରିବାକୁ କହିବେ ଆଉ ଆମେ ସେହି ଦୁଇଜଣଙ୍କୁ ମାରିବା ସମୟରେ ଅନ୍ୟ ଅନେକ ଲୋକ ମରିଯାଆନ୍ତି, ତେବେ ମଧ୍ୟ ଆମେ ଆମ ଲକ୍ଷ୍ୟରେ ପହଞ୍ଚିବୁ ।

ପ୍ରଶ୍ନ - ତୁମର ଭାଇ ଭଉଣୀ ସଂଖ୍ୟା କେତେ ?

ଉତ୍ତର - ମୋତେ ମିଶାଇ ନଅ ଜଣ ।

ପ୍ରଶ୍ନ - ତୁମ ପରିବାର ତୁମକୁ ଏପରି କରିବାକୁ ଉତ୍ସାହ ଦିଅନ୍ତି ? ସେମାନେ ଜାଣନ୍ତି ତୁମେ କଣ କର ?

ଉତ୍ତର - ସେମାନେ ମୋତେ ଏହା ସବୁ ନ କରିବାପାଇଁ କହିଲେ, କିନ୍ତୁ ମୁଁ ସେମାନଙ୍କ କଥାକୁ ଖାତିର କରେନା ।

ପ୍ରଶ୍ନ - ତୁମେ ବିବାହିତ ?

ଉତ୍ତର - ନା ।

ପ୍ରଶ୍ନ - ବିବାହ କରିବାର ଇଚ୍ଛା ଅଛି ?

ଉତ୍ତର - ନା, ସ୍ୱର୍ଗରେ ମୋ ପାଇଁ ୭୨ ଜଣ କୁମାରୀ ଅପେକ୍ଷା କରିଛନ୍ତି, ଏଠାରେ ଜଣକୁ ବିବାହ କରିବି କାହିଁକି ?

ପ୍ରଶ୍ନ - ତୁମ ଆତ୍ମଘାତୀ ଆକ୍ରମଣରେ ମୃତ ସମସ୍ତ ବ୍ୟକ୍ତିଙ୍କୁ ୭୨ ଜଣ କୁମାରୀ ମିଳିବେ କି ?

ଉତ୍ତର - ନା, ସେମାନଙ୍କୁ ସେଠାରେ ନିଜ କୃତକର୍ମର

ଫଳ ମିଳିବ । ଯଦି ସେମାନେ ସରକାରଙ୍କୁ ସମର୍ଥନ କରୁଥାନ୍ତି, ସେଠାରେ ସେମାନଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ । ଆମ ମୁଖ୍ୟ ମାନେ ଆମକୁ କହିଛନ୍ତି ଯେ ଆତ୍ମଘାତୀ ଆକ୍ରମଣରେ ମୃତ ବ୍ୟକ୍ତିମାନଙ୍କ ପାଇଁ ଆମେ କଦାପି ଦାୟୀ ରହିବୁ ନାହିଁ ।

ପାକିସ୍ତାନରେ କେହି ବି ନିରୀହ ନାହାନ୍ତି । ଯେ କେହି ବି ୱଜିରସ୍ତାନ ବାହାରେ ରହନ୍ତି ସେମାନେ ସବୁ ଦୋଷୀ । ଯଦି ସେମାନେ ତାଲିବାନକୁ ସମର୍ଥନ ଜଣାଇ ଜେହାଦରେ ସାମିଲ ହୁଅନ୍ତି ତେବେ ହିଁ ସେମାନଙ୍କୁ ସ୍ୱର୍ଗ ମିଳିବ ।

**youtube video link :**

https://youtu.be/1mBNFkEoPuE

# ଦ୍ୱିତୀୟ ଶ୍ରୀକ୍ଷେତ୍ର ? ? ?



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କିଛିଦିନ ତଳେ ଆମେ ଶୁଣିବାକୁ ପାଉଥିଲୁ ଯେ ଓଡ଼ିଶାର ଐତିହ୍ୟର ସର୍ବଶ୍ରେଷ୍ଠ ଭାସ୍କର୍ଯ୍ୟ, ବ୍ଲାକ୍ ପାଗୋଡ଼ା ଅର୍ଥାତ୍, କୋଣାର୍କ ମନ୍ଦିରର ଅବିକଳ ନକଲ ଗୋଟିଏ ତିଆରି କରାଯିବ । ଏହାକୁ ନେଇ ଅନେକ ଚର୍ଚ୍ଚା ପରିଚର୍ଚ୍ଚା ମଧ୍ୟ ହୋଇଥିଲା । ସରକାର ଏହାକୁ ସମର୍ଥନ କରିଥିଲେ କି ନା ସେ ବିଷୟରେ ଆମେ ଅଜ୍ଞ । କିନ୍ତୁ ଦ୍ୱିତୀୟ କୋଣାର୍କ ଗଢ଼ିବା ସପକ୍ଷରେ ଅନେକ ମତ ଦେଇଥିଲେ । ଏହା ଦ୍ୱାରା ଆମ ରାଜ୍ୟକୁ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧିପାଇବ, ଲୋକମାନଙ୍କୁ ରୋଜଗାର ମିଳିବ ଇତ୍ୟାଦି ଅନେକ ତଥ୍ୟ ଉପସ୍ଥାପନା କରାଯାଇଥିଲା ।

ବର୍ତ୍ତମାନ ଚର୍ଚ୍ଚା ହେଉଛି ଯେ ଓଡ଼ିଶାରେ ଶ୍ରୀମନ୍ଦିର ଅନୁସରଣରେ ଆଉ ଏକ ବର୍ଣ୍ଣାଢ୍ୟ ଶ୍ରୀମନ୍ଦିରର ପରିକଳ୍ପନା କରାଯାଉଛି, ଅବଶ୍ୟ ଏହା ଇସ୍କନ ( ଅନ୍ତର୍ରାଷ୍ଟ୍ରୀୟ ଶ୍ରୀକୃଷ୍ଣ ଚୈତନ୍ୟ ସଂଘ) ଦ୍ୱାରା ଘୋଷଣା କରାଯାଇଛି । ଏହାକୁ ନେଇ କିନ୍ତୁ ବିବାଦ ସୃଷ୍ଟି ହୋଇଛି । ଏହା ଆମ ଜାତି ବିରୋଧରେ ଜଘନ୍ୟ ଷଡ଼ଯନ୍ତ୍ର ବୋଲି କେହି କହୁଥିବା ବେଳେ ଶ୍ରୀମନ୍ଦିର ଭିତରୁ ଅନେକ ବ୍ୟକ୍ତି ଏହାଦ୍ୱାରା ରକ୍ତପାତ ହେବ, ଆମ ସଂସ୍କୃତି ଅବକ୍ଷୟ ହେବ, ଧାର୍ମିକ ବିପଦ ଆସିବ ଆଦି ମନ୍ତବ୍ୟ ଦେଇଛନ୍ତି । ହେଲେ ପ୍ରକୃତରେ ଏହାଦ୍ୱାରା କଣ ହେବ ବା ନ ହେବ ତାହା ତ ଏବେ ଠାରୁ କହିବା ସମ୍ଭବ

ନାହିଁ । ଆମର ଏହି ଆଲେଖ୍ୟରେ ଆମେ ଚର୍ଚ୍ଚା କରିବା, ଯଦି ଗୋଟିଏ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ହେଉଛି ତେବେ ଏହାଦ୍ୱାରା ଲାଭ କଣ ହେବ ଆଉ କଣ କ୍ଷତି ହେବ । ଏହା କେବଳ ଆମ ନିଜସ୍ୱ ମତ ଏବଂ ଏହା ବ୍ୟତୀତ ଅନେକ ମତ ଆପଣମାନଙ୍କର ହୋଇପାରେ । ତେଣୁ ଆପଣଙ୍କ ମତକୁ ସ୍ୱାଗତ ଜଣାଉଛି । ଆସନ୍ତୁ ଦେଖିବା ଏହି ମନ୍ଦିର ନିର୍ମାଣ ଦ୍ୱାରା କଣ ପରିବର୍ତ୍ତନ ହେବ ।

ପ୍ରସ୍ତାବିତ ମନ୍ଦିର ପୁରୀ କୋଣାର୍କ ମଧ୍ୟରେ ସିପସରୁବାଲିଠାରେ ନିର୍ମାଣାଧୀନ ରହିଛି । ଯୁଗ ଯୁଗରୁ ଶ୍ରୀମନ୍ଦିର ପ୍ରତି ଆସ୍ଥା ରଖିଆସିଥିବା ଓଡ଼ିଆ ଓ ବଙ୍ଗାଳୀ ପରିବାରମାନେ କଦାପି ଶ୍ରୀମନ୍ଦିର ପ୍ରତି ଥିବା ନିଜ ନିଷ୍ଠାକୁ ଆଡ଼େଇ ଦେଇ ପାରିବେ ନାହିଁ । ତେଣୁ ଯଦି ବା ଗୋଟିଏ ନୂଆ ମନ୍ଦିର ନିର୍ମାଣ ହେବ, ତାହା କେବେ ବି ଶ୍ରୀମନ୍ଦିରର ସ୍ଥାନ ନେଇ ପାରିବ ନାହିଁ । ବର୍ତ୍ତମାନର ଶ୍ରୀମନ୍ଦିରର ବାଇଶି ପାହାଚ ହେଉ ବା ଆନନ୍ଦବଜାର ହେଉ, କୋଇଲି ବୈକୁଣ୍ଠ ହେଉ ଅବା ଗେ଼ଷଶାଳା ହେଉ ବା ମନ୍ଦିର ବେଢ଼ାରେ ଥିବା ଅଗଣିତ ସାନବଡ଼ ମନ୍ଦିର ହେଉ ସେ ସବୁ ଅନେକ ଶତାବ୍ଦୀଧରି ଆମ ଓଡ଼ିଆ ଜାତିର ସମସ୍ତ ସୁଖଦୁଃଖର ହିସାବ ରଖି ଆସିଛନ୍ତି । ମନ ଖୁସି ହେଲେ ଜଗା ଆଗରେ ଠିଆ ହୋଇ ଆମେ ଧନ୍ୟବାଦ ଦେଇଛେ, ଦୁଃଖ ହେଲେ ଲୁହ ଝରାଇ ଫେରାଦ ବି କରିଛେ । ବର୍ତ୍ତମାନ ବିଶ୍ୱର ଅନେକ ଦେଶରେ ଜଗନ୍ନାଥ ମନ୍ଦିର ରହିଥିବା ସତ୍ତ୍ୱେ ଆମେ ସମୟ ଅସମୟରେ କେବଳ ପୁରୀସ୍ଥିତ ଶ୍ରୀମନ୍ଦିରକୁ ହିଁ ଆଶାରେ ଚାହିଁ ରହିଛୁ । ଆମର ସମସ୍ତ ଆସ୍ଥା ଓ ବିଶ୍ୱାସର ଏକ ମାତ୍ର ଠିକଣା, ସେ ହେଉଛି ନୀଳକନ୍ଦରସ୍ଥିତ ଶ୍ରୀମନ୍ଦିର । ତେଣୁ ଏହା କେବେ ବି ପରିବର୍ତ୍ତନ ହେବ ନାହିଁ । ଯେତେବଡ଼ ଶ୍ରୀମନ୍ଦିର ନିର୍ମାଣ ହେଲେ ସୁଦ୍ଧା ଯାହା ଆଜିଯାଏଁ ଲୋକଙ୍କୁ ଆସ୍ଥା ବିଶ୍ୱାସ ଦେଇ ଆସିଛି ତାହା କେବେ ବଦଳିବ ନାହିଁ । ଓଡ଼ିଶାର ଅଗଣିତ ପୁରପଲ୍ଲୀରେ ଜଗନ୍ନାଥଙ୍କ ମନ୍ଦିର, ମଠ ବା କୋଠଘର ଥିବା ସତ୍ତ୍ୱେ ଯଦି ଲୋକମାନେ ପୁରୀ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି, ଏହାର ଅର୍ଥ ହେଉଛି ଯେ ଶ୍ରୀମନ୍ଦିର ସବୁବେଳେ ଆମ ପାଇଁ ଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ଶ୍ରେଷ୍ଠ ସ୍ଥାନ ରହି ଆସିଛି ଏବଂ ଭବିଷ୍ୟତରେ ରହିଥିବ ମଧ୍ୟ ।

ବର୍ତ୍ତମାନ ମଧ୍ୟ ଓଡ଼ିଶା ବାହାରେ ଅନେକ ଜଗନ୍ନାଥ ମନ୍ଦିର ରହିଛି ଯେଉଁଠି ଜାତିଧର୍ମ ନିର୍ବିଶେଷରେ ସମସ୍ତେ ପ୍ରବେଶ କରୁଛନ୍ତି ଏବଂ ଏହାଦ୍ୱାରା ଯଦି ଆମ ସଂସ୍କୃତି ଅବକ୍ଷୟ ହୋଇନାହିଁ, ତା ହେଲେ ଏମିତି କେତେ ଜଗନ୍ନାଥ ମନ୍ଦିର ନିର୍ମାଣ ହେଲେ ମଧ୍ୟ ଆମ ପ୍ରାଚୀନ ସଂସ୍କୃତି କେବେ ତଳେ ପଡ଼ିବ ନାହିଁ । ଯେଉଁମାନେ ଯୁକ୍ତି କରୁଛନ୍ତି ଯେ ନୂଆ ମନ୍ଦିର ହେଲେ ସେଥିରେ ବିଧର୍ମୀ ମାନେ ପ୍ରବେଶ କରିବେ, ସେମାନେ ଧ୍ୟାନ ଦିଅନ୍ତୁ, ଯେ ବର୍ତ୍ତମାନ ମଧ୍ୟ ଅନେକ ମନ୍ଦିରରେ ହିନ୍ଦୁ ବ୍ୟତୀତ ଅନ୍ୟ

ଧର୍ମାବଲମ୍ବୀଙ୍କୁ ନିର୍ବିରୋଧ ପ୍ରବେଶ ଅଧିକାର ଦିଆଯାଇଛି । ଏହାର ବିରୋଧ କରି ଯଦି କୌଣସି ଆପତ୍ତି ଆପଣ ଜଣାଇ ନାହାନ୍ତି ତେବେ ଆଜି ଏପରି ଆପତ୍ତି କରିବା ଯୁକ୍ତିଯୁକ୍ତ ହେଉନାହିଁ ।

ଇସ୍କନ ନାମକ ସଂସ୍ଥା ସ୍ଥାପନ ହୋଇ ଅନେକ ବର୍ଷ ହୋଇଗଲାଣି, ସେମାନେ ଶ୍ରୀକୃଷ୍ଣଙ୍କ ତତ୍ତ୍ୱକୁ ନେଇ ବିଶ୍ୱଦରବାରରେ ପହଞ୍ଚାଇବାର ଯେଉଁ ପ୍ରୟାସ କରିଛନ୍ତି ସେଥିରେ ସେମାନେ କେତେ ସଫଳ ହୋଇଛନ୍ତି ତାହା ସେମାନଙ୍କ ଦ୍ୱାରା ବିଶ୍ୱର ଅଗଣିତ ଦେଶରେ ଆୟୋଜିତ ରଥଯାତ୍ରା ଓ ବିଭିନ୍ନ ପୂଜାକୁ ଅନୁଧ୍ୟାନ କଲେ ଜାଣିହେବ । ଇସ୍କନ ଏକ ଅନ୍ତରାଷ୍ଟ୍ରୀୟ ସଂଗଠନ ତେଣୁ ଏହାର ଅଧିକାଂଶ ଭକ୍ତ ହିନ୍ଦୁ ନ ହୋଇପାରନ୍ତି, ତେଣୁ ସେମାନଙ୍କୁ ବିରୋଧ କରାଗଲାନାହିଁ କାହିଁକି ? ଯଦି ଆଜି ଲାଗୁଛି ଯେ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ କରିଲେ ଆମ ଧର୍ମ କ୍ଷୟ ହୋଇଯିବ, ତା ହେଲେ ଯେତେବେଳେ ଇସ୍କନଦ୍ୱାରା ଅଣହିନ୍ଦୁଙ୍କୁ ପରିବର୍ତ୍ତିତ କରାଗଲା ସେତେବେଳେ ତା ବିରୋଧରେ କେହି କାହିଁକି ସ୍ୱର ଉତ୍ତୋଳନ କରିଲେ ନାହିଁ ?

ଆମ ମତରେ ଜଗତର ନାଥ କେବଳ ଜଣେ ଆଉ ସେ ହେଉଛନ୍ତି ନୀଳକନ୍ଦରର ନିବାସୀ ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଆମେ ବଞ୍ଚିଥିବା ଯାଏଁ କେବଳ ତାଙ୍କର ଶରଣରେ ହିଁ ରହିବୁ । ଆମ ବାପା ଗୋସେଇଁବାପା ମଧ୍ୟ ସେଇ ମନ୍ଦିରରେ ମଥା ନୋଇଁ ପ୍ରାର୍ଥନା କରୁଥିଲେ ଆମେ ବି କରୁଛୁ ଆଉ ଆମ ଉତ୍ତରପୀଢ଼ି ମଧ୍ୟ କରିବେ । ସେଇ ମନ୍ଦିର ବେଢ଼ାରେ ବସି ଅବଢ଼ା ଖାଇବାର ଆନନ୍ଦ ଆମକୁ ସ୍ୱର୍ଗସୁଖ ଦେଇଛି, ସେଇ ସୁଖ ପାଇଁ ଆମେ ବାରମ୍ବାର ପୁରୀ ଶ୍ରୀମନ୍ଦିରକୁ ଫେରି ଆସୁଛୁ । ଆମେ କଦାପି ଏହି ମନ୍ଦିରର ମୋହରୁ ନିଜକୁ ମୁକ୍ତ କରିପାରିବୁ ନାହିଁ ।

ହେଲେ ବର୍ତ୍ତମାନ ଯେଉଁମାନେ ଏହା ବିରୋଧରେ ବିଷୋଦଗାର କରୁଛନ୍ତି ସେମାନଙ୍କ ବିଷୟରେ କିଛି କହିବାକୁ ଯୁକ୍ତିଯୁକ୍ତ ବୋଲି ମନେ କରୁଛି । ମନେ ରଖିବା ଉଚିତ ଯେ ଶ୍ରୀମନ୍ଦିର ଯଦିଓ ଆମ ସମଗ୍ର ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ପ୍ରସିଦ୍ଧ, ତଥାପି ଏହି ମନ୍ଦିର ଉପରେ କେବେ ବି ସମୁଦାୟ ଓଡ଼ିଆ ଜାତିର ଅଧିକାର ଥିବା ଭଳି ପ୍ରମାଣ ମିଳିନାହିଁ । ମନ୍ଦିରକୁ ନିଜର ସ୍ୱତ୍ୱ ବୋଲି ଧରିନେଇଥିବା ମୁଷ୍ଟିମେୟ ପଣ୍ଡା, ପୂଜାରୀ ନିଜ ଇଚ୍ଛାରେ ମନ୍ଦିରକୁ ପରିଚାଳନା କରୁଛନ୍ତି । ସେମାନେ ଚାହିଁଲେ ଦେବତା ମାନେ ଖାଇବେ, ପିଇବେ, ଶୋଇବେ, ସେମାନେ ନ ଚାହିଁଲେ ଆମ ଜାତିର ନାଥ ଭୋକଶୋଷରେ ଦିନ ଦିନ ବି ରହିବେ । ସେମାନଙ୍କ ଦୌରାତ୍ମ୍ୟର ଶ୍ରେଷ୍ଠ ନିଦର୍ଶନ ବିଗତ ବର୍ଷର ନବକଳେବର ସମୟରେ ଘଟିଥିବା ଘଟ ବିଭ୍ରାଟରୁ ସ୍ପଷ୍ଟ । ଅତ୍ୟନ୍ତ ଦୁଃଖର କଥା, ଆମ ଜାତିର ଦେବତା ବୋଲି ଆମେ କହୁଥିଲେ ମଧ୍ୟ ମନ୍ଦିର ଭିତରେ ଥିବା କିଛି

ପୂଜାପଣ୍ଡା ସେହି ଦେବତାଙ୍କ ଘଟ ପରିବର୍ତ୍ତନ କରିବା ସମୟରେ ଅନେକ ଅନୁଚିତ କାର୍ଯ୍ୟ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏହି ଘଟଣାର ସତ୍ୟାସତ୍ୟ ବିଷୟରେ ସମୁଦାୟ ଓଡ଼ିଆଜାତି ଅଜ୍ଞାନ ।

ବାସ୍ତବିକ ଦେଖିବାକୁ ଗଲେ ଶ୍ରୀମନ୍ଦିର ଓଡ଼ିଆଙ୍କର ହୋଇଥିଲେ ସୁଦ୍ଧା ଓଡ଼ିଆଜାତିକୁ କେହି କେବେ ପ୍ରାଧାନ୍ୟ ଦେଇନାହାନ୍ତି । ମନ୍ଦିରକୁ ଆମେ ନିଜର ବୋଲି କେବେ ଅନୁଭବ କରିବା ଭଳି ଔଦ୍ଧତ୍ୟ କରିପାରିନାହୁଁ, କାରଣ ମନ୍ଦିର ବେଢ଼ାରେ ପାଦ ଦେବାପରେ ଲାଗେ ସତେ ଯେମିତି ଆମେ ଏକ ଅଜଣା ଅଞ୍ଚଳରେ ପହଞ୍ଚି ଯାଇଛୁ, ଏଠାର ପ୍ରକୃତ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ନୁହନ୍ତି । ବରଂ ସେହିମାନେ ଯେଉଁମାନେ ଭକ୍ତଙ୍କୁ ନିଜ ଇଚ୍ଛାରେ ନଚେଇ ପାରିବେ । ସେମାନଙ୍କ ଦାବୀ ମୁତାବକ ପ୍ରାପ୍ୟ ନ ଦେଲେ ସେମାନେ ଆକ୍ରମଣ କରିବାକୁ ପଛାଇବେ ନାହିଁ, ମନ୍ଦିର ବେଢ଼ାରେ ସ୍ୱଚ୍ଛନ୍ଦରେ ଅଶାଳୀନ ଓ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିପାରିବେ, ମହିଳା ଭକ୍ତଙ୍କୁ ଟଣାଓଟରା କରିପାରିବେ ।

ମନ୍ଦିର ବେଢ଼ାରେ ଭକ୍ତଙ୍କ ପ୍ରତି ଅଶାଳୀନ ବ୍ୟବହାର, ମାଡ଼ ମାରିବା ଆଦି ସତେ ଯେମିତି ପୁରୀ ଶ୍ରୀମନ୍ଦିରର ନିତିଦିନିଆ ଘଟଣା । କେତେବେଳେ ଭକ୍ତଙ୍କୁ ରଥ ଉପରେ ମାଡ଼ ମାରିବା ହେଉ ଅବା ମନ୍ଦିର ବେଢ଼ାରେ ମାଡ଼ ମାରିବା, ମହିଳା ଭକ୍ତଙ୍କ ପ୍ରତି ଅଶାଳୀନ ଇଙ୍ଗିତ କରିବା ଓ ବ୍ୟବହାର କରିବାର ଅଗଣିତ ଘଟଣା ଅନେକ ସମୟରେ ଖବରକାଗଜରେ ସ୍ଥାନ ପାଇଛି । ଏହାଦ୍ୱାରା ବୋଧହୁଏ ଆମ ସଂସ୍କୃତି ଉଜ୍ଜ୍ୱଳ ହେଉଛି ! ମନ୍ଦିରକୁ ନିଜର ବଂଶାନୁକ୍ରମିକ ଅଧିକୃତ ସମ୍ପତ୍ତି ବୋଲି ଯେଉଁମାନେ ଧରି ନେଇ ନିଜ ଇଚ୍ଛା ମୁତାବକ ମନ୍ଦିରକୁ ବ୍ୟବହାର କରୁଛନ୍ତି ସେମାନେ ହୁଏତ ଡରୁଛନ୍ତି ଯେ ନୂଆ ମନ୍ଦିର ନିର୍ମାଣ ହେଲେ ଲୋକମାନେ ଆଉ ପୁରୁଣା ମନ୍ଦିରକୁ ଯିବେ ନାହିଁ, କିମ୍ବା ସେମାନଙ୍କୁ ଦେଉଥିବା ଅର୍ଥ ଦେବେ ନାହିଁ । ମନ୍ଦିରରେ ଦୈନିକ ହେଉଥିବା ଆୟ ହେବ ନାହିଁ । ତେଣୁ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି । ବର୍ତ୍ତମାନ ଶ୍ରୀମନ୍ଦିରରେ ଅନେକ ଅଣହିନ୍ଦୁଙ୍କୁ ପ୍ରବେଶାଧିକାର ଦିଆଯାଇନାହିଁ, କିନ୍ତୁ ନୂଆ ମନ୍ଦିର ନିର୍ମାଣ ହେଲେ ସେଠାରେ ସମସ୍ତଙ୍କୁ ପ୍ରବେଶାଧିକାର ମିଳିବ ଯାହା ଦ୍ୱାରା ବିଦେଶରୁ ଆସୁଥିବା ଭକ୍ତମାନେ ଏବଂ ଅଣହିନ୍ଦୁ ଭକ୍ତମାନେ ମଧ୍ୟ ମନ୍ଦିରରେ ପ୍ରବେଶ କରିବେ । ଏହାଦ୍ୱାରା ନୂଆ ମନ୍ଦିରର ଆୟ ବହୁମାତ୍ରାରେ ବଢ଼ିଯିବ । ହୁଏତ ଏହାଫଳରେ ବର୍ତ୍ତମାନ ଶ୍ରୀମନ୍ଦିରର ପୂଜାପଣ୍ଡା ମାନଙ୍କ ଦ୍ୱାରା ହେଉଥିବା ଆୟ କମ ହୋଇଯିବ । ତେଣୁ ଏହାକୁ ବିରୋଧ କରିବା ଛଡ଼ା ସେମାନଙ୍କ ପକ୍ଷରେ ଆଉ କୌଣସି ଉପାୟ ନାହିଁ ।

ଇସ୍କନ ଦ୍ୱାରା ଆୟୋଜିତ ରଥଯାତ୍ରା ପ୍ରତିବର୍ଷ ବିଶ୍ୱର ଅନେକ ଦେଶରେ ଆୟୋଜିତ ହେଉଛି, ତେବେ ଏଠାରେ କରିଗଲେ ଏଥିରେ କ୍ଷତି କଣ ? ଏହା ଦ୍ୱାରା

ଆମର ପରମ୍ପରାକୁ ବିଶ୍ୱ ଦରବାରରେ ଉଦ୍‌ଜୀବିତ କରାଯାଇ ପାରିବ, ଏବଂ ଖ୍ୟାତି ଲାଭ କରିବ । ଜଗନ୍ନାଥ ବୋଲି ନାମକରଣର ଯଥାର୍ଥତା ହୁଏତ ସେତେବେଳେ ଭଲରେ ପ୍ରତିପାଦିତ ହୋଇପାରିବ । ଓଡ଼ିଶାର ଜନପ୍ରାଣ ଦେବତାଙ୍କୁ ଜଗନ୍ନାଥ କହିବାର ଯଥାର୍ଥତା କେଉଁଠାରେ ରହିଲା, ଯଦି ଆମେ ଦେବତାଙ୍କୁ ଓଡ଼ିଆ ଅଣଓଡ଼ିଆ, ଦେଶୀ ବିଦେଶୀ, ହିନ୍ଦୁ ଅଣହିନ୍ଦୁମାନଙ୍କ ଭିତରେ ପକ୍ଷପାତ କରିବା ? ଆମେ ବାରମ୍ବାର କହି ଆସୁଛୁ, ଯେ ଶ୍ରୀମନ୍ଦିର ଭିତରକୁ ହିନ୍ଦୁ ଅଣହିନ୍ଦୁ ସମସ୍ତଙ୍କୁ ଅବାଧ ପ୍ରବେଶ ଅଧିକାର ଦିଆଯାଉ । ଜଗତର ନାଥ କେବେ ବି ଧର୍ମକୁ ଆଧାର କରି ନିଜ ଭକ୍ତଙ୍କୁ ଅଲଗା କରିଦେଇ ପାରିବେନାହିଁ । କିନ୍ତୁ ଯୁଗଯୁଗରୁ ପ୍ରଚଳିତ ଏହି ପ୍ରଥାକୁ ବନ୍ଦ କରିବାକୁ କେହି ଆଗଭର ହେଉନାହାନ୍ତି, କିନ୍ତୁ ଏବେ ଲାଗୁଛି, ହୁଏତ ଏହି କଟକଣା ଉଠାଇ ଦିଆଯାଇପାରେ । ସେ ଯାହେଉ ଏହା ଦ୍ୱାରା ଜଗତକଲ୍ୟାଣ ହେବ ଯଦି ତେବେ ଏମିତି କରାଗଲେ କୌଣସି ଅନ୍ୟାୟ ହେବନାହିଁ ।

ବର୍ତ୍ତମାନ ଦେଖିବା ଯେ ନୂଆ ମନ୍ଦିର ନିର୍ମାଣ ହେଲେ ଲାଭ କଣ ହେବ ?

ନୂଆ ମନ୍ଦିରରେ ସମସ୍ତଙ୍କ ପ୍ରବେଶ ଅଧିକାର ରହିବ, ତେଣୁ ପୁରୀ ଆସୁଥିବା ଅଣହିନ୍ଦୁମାନେ ମନ୍ଦିର ପ୍ରବେଶ କରିବେ ଏବଂ ଆମ ଧର୍ମ ଓ ସଂସ୍କୃତି ବିଷୟରେ ଅବଗତ ହେବେ । ଏହାଦ୍ୱାରା ପୁରୀକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧିପାଇବ । ଇସ୍କନର ବର୍ତ୍ତମାନ ଯେଉଁ ସବୁ ଦେଶରେ ଶାଖା ରହିଛି ସେଠାରୁ ମଧ୍ୟ ଭକ୍ତମାନେ ଆସିବେ । ଏହା ଦ୍ୱାରା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରୁ ଆୟ ନିଶ୍ଚୟ ଭାବରେ ବୃଦ୍ଧି ପାଇବ । ଇସ୍କନ ଦ୍ୱାରା ପ୍ରସ୍ତାବିତ ଇସ୍କନ କମ୍ପ୍ଲେକ୍ସ ଯଦି ନିର୍ମାଣ ହୁଏ ତା ହେଲେ ଏକ ବିସ୍ତୃତ ଅଞ୍ଚଳରେ ରହୁଥିବା ଅଗଣିତ ଲୋକଙ୍କୁ ଆୟର ନୂଆ ଦିଗ ସବୁ ମିଳିବ । ପର୍ଯ୍ୟଟକମାନଙ୍କ ଦାବୀ ମୁତାବକ ବିଭିନ୍ନ ସେବା ଯୋଗାଇ ଦେବାପାଇଁ ନୂଆ ନୂଆ ହୋଟେଲ୍, ଏବଂ ବ୍ୟବସାୟିକ ସଂଗଠନ ଗଢ଼ି ଉଠିବ । ଏହା ଆମ ଲୋକଙ୍କ ପାଇଁ ରୋଜଗାରର ନୂଆ ପନ୍ଥା ଖୋଲିବ ଏଥିରେ ଦ୍ୱିମତ ନାହିଁ । ଓଡ଼ିଶାର ପୂର୍ବ ଉପକୂଳରେ ଥିବା ପୁରୀ, କୋଣାର୍କ ଆଦି ଅଞ୍ଚଳ ବିଶେଷତଃ ପର୍ଯ୍ୟଟନ କ୍ଷେତ୍ରକୁ ଅନେକ ଲାଭ ଆଣିଦେଇଥାଏ, ହୁଏତ ନୂଆ ମନ୍ଦିର ନିର୍ମାଣ ହେବାପରେ ଏହା ଆହୁରି ବୃଦ୍ଧି ପାଇବ । ବର୍ତ୍ତମାନ ଓଡ଼ିଶାରେ ଥିବା ଷ୍ଟାର ହୋଟେଲ ମାନଙ୍କ ସଂଖ୍ୟା ନଗଣ୍ୟ ହୋଇଥିବାରୁ ପର୍ଯ୍ୟଟକ ଆସୁନାହାନ୍ତି, କିନ୍ତୁ ନୂଆ ମନ୍ଦିର ନିର୍ମାଣ ହେବାପରେ ଏଠାରେ ପୁଞ୍ଜିପତିମାନେ ନୂଆ ଷ୍ଟାର୍ ହୋଟେଲ୍ ଆଦିର ନିର୍ମାଣ ମଧ୍ୟ କରିଇପାରନ୍ତି । ଏହି ସବୁ ଦ୍ୱାରା ଆମ ରାଜ୍ୟର ଆୟ ବୃଦ୍ଧି ହେବ ଏଥିରେ ଦ୍ୱିମତ ନାହିଁ ।



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

# ତୁମ ଭଲପାଇବା...

ଧୀରେ କହିଥିଲି ଚନ୍ଦ୍ରମାକୁ ଭଲପାଏ ବୋଲି

ପଚାରିଲି ଥରେ ତାକୁ ତୁମ କଥା ଖାଲି,

ଛଟପଟ ଲମ୍ପଟ ମନଟା ଜମା ମାନେନା

ସତରେ କଣ ତୁମେ ବି ଝୁରି ହୁଅନା ?

ହସି କହିଲ୍ ଖୁବ୍ ଭଲ ପାଅ ମୋତେ

କହିବାକୁ ଚାହିଁ ଡରିଯାଅ ଯେତେ

ଉଦାସ ଆଖି ରେ ସପନ ଭରିଛ,

ମୋ ଲେଉଟିଆ ବାଟକୁ ଚାହିଁ ରହିଛ

ମୁଁ ତୁମ୍ଭର ଏମିତ ଭାଷା ନ ବୁଝି ଜୀବନରେ

କେହି ବି ଆସିବେନାହିଁ ଅଚାନକ ଏ ବେଳା ରେ

ଶବରୀର ଅନ୍ତହୀନ ପ୍ରତୀକ୍ଷା ତୁମ ସହ

ଏ ଜୀବନର ନିର୍ବାଣ ପାଇଁ ଅହରହ ।

ବରିଷ୍ଠ ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞା
ନୂଆ ବସଷ୍ଟାଣ୍ଡ, ବ୍ରହ୍ମପୁର, ୭୬୦୦୦୧
ଓଡ଼ିଶା



ଦୁର୍ଗା ପ୍ରସାଦ ପଟ୍ଟନାୟକ

ନଲୁ ଏବଂ ତା ସ୍ତ୍ରୀ ମିନୁ ଶୋଇଥିବା ସମୟରେ ହଠାତ୍ ବର୍ଷା ହେବାରୁ ପାଣି ଗଦଗଦ ହେଇ ପଡ଼େ ଏମାନଙ୍କ ଉପରେ । ଏହାଦେଖି ମିନୁ ନଲୁକୁ କହୁଛି ।

ମିନୁ - କହୋ, କେଉଁଠୁ ଗଣ୍ଡେ ବୋକା ଲୋକଙ୍କୁ ଆଣି ଘର ଛପର କାର୍ଯ୍ୟରେ ଲଗେଇଥିଲ ଯେ(ଉପରକୁ ଦେଖେଇ) ହେଇଦେଖ ଘର ମଝିରେ କେମିତ ଖପର ଖୋଲା ଛଡ଼ା ହେଇଛି ।

ନଲୁ - (ହସିଦେଇ କୁହେ) ସେଇଟା ସେମିତ ଖୋଲା ଛାଡ଼ିବା ପାଇଁ ମୁଁ ହିଁ ତାଙ୍କୁ କହିଥିଲି ।

ମିନୁ - (ଆଶ୍ଚର୍ଯ୍ୟ ହେଇ) କଣ ପାଇଁ ?

ନଲୁ - କଥା କଣ କି ? ମୋର ଜଣେ ବନ୍ଧୁ କହୁଥିଲେ, ଉପରବାଲା ଯେତେବେଳେ ଯାହାକୁ ଦିଏ କୁଆଡ଼େ ଛପର ଫାଡ଼ିକି ଦିଏ, ସେଥି ପାଇଁ ଦି ଗୁଟିଟା ଖପର ଖୋଲା ଛାଡ଼ିଛି ଯେ, ଯଦି ଉପରବାଲାର କରୁଣା ହବ, ତାହା ହେଲେ ସେପଟୁ ଦବ ।

ମିନୁ - (ରାଗି କି) ତାହା ହେଲେ ଉପରବାଲା ଏବେ ଯେଉଁଟା କରୁଣା କରୁଛି, ସେଇଟା ଗୋଟଉ ଥାଅ ବସିକି ମୁଁ ଯାଉଛି ।

X X X X

ରାମବାବୁଙ୍କପୁଅ ପରୀକ୍ଷାରେ ଫେଲ୍ ହେବାପରେ;

ରାମ ବାବୁ - ହଇ ରେ ରାଜୁ, ମୁଁ ଶୁଣିଲି ତୁ ଏ ବର୍ଷ ପରୀକ୍ଷାରେ ଫେଲ୍ ହେଇଛୁ ? ଟିକେ ମନ ଦେଇ ପଢ଼ି ପାରିଲୁନି ? ମନ ଦେଇ କିଛି କଲେ ତ ହବ ?

ରାଜୁ - ଦେଖ ବାପା, ମନ ଦିଆ ନିଆ ଜୀବନରେ ଥରେ ମାତ୍ର ହେଲେ ଭଲ, ମୁଁ ଯଦି ଏବେ ମନ ଦେଇ ଦେବି ପାଠରେ ତ ତମ ବୋହୁ ଆସିଲେ ଆଉ କଣ ବାକି ଥିବ ଦେବାପାଇଁ ?

କୁଚଣ୍ଡା,ରାମଜି ପଡା
ଜିଲ୍ଲା-ସମ୍ବଲପୁର, (ଓଡିଶା)
ମୋ-୯୫୮୩୩୨୨୧୪୩

ଆହ୍ୱାନର ଆଗାମୀ ସଂସ୍କରଣ ଫେବୃଆରୀ ମାସରେ ପ୍ରକାଶିତ ହେବ । ନଜ ଦ୍ୱାର୍ ଲଖିତ କବତା ଓ କାହାଣୀ ଶୀଘ୍ର ଆମ ନକଟକୁ ପଠାନ୍ତୁ ।

ଆପଣଙ୍କ ଲଖିତ କବତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତହାସ, ଗେଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦ ଆପଣ ଇ-ମେଲ୍ ଦ୍ୱାର୍ ଆମ ନକଟକୁ ପଠାଇ ପାରବେ ।

ଆମ ଇ-ମେଲ୍ ଠିକଣା :

**aahwaan@gmail.com**

ଚଠି ମାଧ୍ୟମରେ ଲେଖା ପ୍ରେରଣ କରବା ଠିକଣା

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ
ସମ୍ପାଦକ, 'ଆହ୍ୱାନ ଇ-ପତ୍ରକା'

ବୀମାନଗର, ୨ୟ ଗଳ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୂଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ /
୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ପାଠକ ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**https://www.facebook.com/odiaparibar**

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।